# ଜାତୀୟ ସ୍କୁଲ କ୍ରୀଡ଼ା ପାଇଁ ଜିଲ୍ଲାରୁ ୮ ଖେଳାଳି ମନୋନୀତ



ବାରିପଦା, ୨୩।୪(ସମିସ): ଆସନ୍ତା ୨୭ ଓ ୨୮ ତାରିଖରେ ମହାରାଷ୍ଟ୍ରର ପୁନେ ସ୍ଥିତ ବେଲୱାଡି ଷ୍ଟାଡିୟମ୍‌ରେ ଜାତୀୟ ସ୍କୁଲ କ୍ରୀଡ଼ା ଅନୁଷ୍ଠିତ ହେବ। ଏହି ଖେଳରେ ୧୭ ବର୍ଷରୁ କମ୍ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୮ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ୬ ଜଣ ଖେଳାଳି ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଶ୍ରୀଅରବିନ୍ଦ ହାଇସ୍କୁଲର ଦୀପକ ବେହେରା, ଶ୍ରୀପଦଗଞ୍ଜ ହାଇସ୍କୁଲର ସୋନେର ସିଂ ବେଶ୍ରା, ରାଣୀଭୋଳ ବାଳିକା ହାଇସ୍କୁଲର ସୁମିତ୍ରା ମୁର୍ମୁ, ପାୟେଲ ହାଁସଦା, ବାସନ୍ତୀ ମୁର୍ମୁ ଓ ହିଷୀ ଟୁଡୁ। ଏହି ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୁରଭଞ୍ଜ କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ରୂପାଲି ସୋରେନ, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣିସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉକି ବିଗତ ଦିନରେ ବହୁ ପୁରୁଷ ଓ ମହିଳା ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରିବା ସହିତ ବହୁ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି।

## ମୟୂରଭଞ୍ଜରେ ସାପକାମୁଡ଼ାଜନିତ ମୃତ୍ୟୁ ସର୍ବାଧିକ

# ୮ ବର୍ଷରେ ଗଲାଣି ୬୦୬ ଜଣଙ୍କ ଜୀବନ

ବାରିପଦା, ୨୩।୪(ମନୋଜ ପଣ୍ଡା)

ସାପକାମୁଡ଼ା ଜନିତ ମୃତ୍ୟୁରେ ମୟୂରଭଞ୍ଜ ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ପ୍ରଥମ ସ୍ଥାନରେ ରହିଛି। କ୍ରମାଗତ ଭାବରେ ମୟୂରଭଞ୍ଜ ଜିଲ୍ଲା ଲଗାତର ୬ବର୍ଷ ଧରି ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟାରେ ସର୍ବାଗ୍ରେ ରହିଆସୁଛି। ତେବେ ଶେଷ ୩ ବର୍ଷ ମୃତ୍ୟୁ ସଂଖ୍ୟା କମିବାରେ ଲାଗିଛି। ଆଦିବାସୀ ବହୁଳ ତଥା ଜଙ୍ଗଲ ପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲାରେ ବିଷଧର ସାପଙ୍କ ସଂଖ୍ୟା ଅଧିକ ରହୁଛି। ଏଥିସହିତ ଶିମିଳିପାଳରୁ ଉତ୍ପନ୍ନ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, ଦେଓ, ଖଡ଼ଖାଇ, ଖଇରୀ-ଭଣ୍ଡନ, ଠକଠକି, ନାହୁଆ, ପ୍ରମୁଖ ନଦୀ ଜିଲ୍ଲାର ବିଭିନ୍ନ ବ୍ଲକ ମଧ୍ୟ ଦେଇ ପ୍ରବାହିତ ହେଉଥିବା ବେଳେ ସୁବର୍ଣ୍ଣରେଖା ଓ ବୈତରଣୀ ନଦୀ ମଧ୍ୟ ପ୍ରବାହିତ ହେଉଛି। ଜିଲ୍ଲାର ୭/୮ଟି ବୃହତ୍ତ ଜଳ ଭଣ୍ଡାରରୁ ବର୍ଷା ଦିନରେ ଉଦବୃତ୍ତ ଜଳ ନିଷ୍କାସନ ହୋଇଥାଏ। ଏହି ସମୟରେ ପାହାଡ଼ିଆ ବିଷଧର ସାପ ଭାସି ଆସି ନଦୀ ସଂଲଗ୍ନ ଗ୍ରାମରେ ରହି ବଂଶ ବୃଦ୍ଧି କରିଥାନ୍ତି। ଜିଲ୍ଲାର ଚାଷ ଓ ପାଳଜମିରେ ବହୁ ସଂଖ୍ୟାରେ ସାପ ରହିଥାନ୍ତି। ଚାଷ ସମୟରେ ତାଙ୍କ ଗାତରେ ପାଣି ପଶିଲେ ସେମାନେ ଇତଃସ୍ତତଃ ଭାବେ ବିଚରଣ ସମୟରେ ଦଂଶନ କରିଥାନ୍ତି। ସେହିପରି ଆଦିବାସୀ ବହୁଳ ୨୬ଟି ବ୍ଲକର ଦାରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣ ସାଧାରଣତଃ ଭୂଇଁରେ ଶୋଇଥାନ୍ତି। ଫଳରେ ରାତିରେ ବିଚରଣ କରୁଥିବା ସାପ କାମୁଡ଼ାରେ ଅନେକଙ୍କ ମୃତ୍ୟୁ ଘଟିଥାଏ। ଅପରପକ୍ଷରେ ସାପକାମୁଡ଼ା ଜନିତ ମାଗଣା ଚିକିତ୍ସା ସରକାରୀ ଡାକ୍ତରଖାନାରେ ଉପଲବ୍ଧ ରହିଥିଲେ ହେଁ ଅନେକ ସମୟରେ ଚିକିତ୍ସା ଅଭାବ ଓ ଆଉ କେତେକ ସମୟରେ ଗାଉଁଲି ଗୁଣିଗାରେଡ଼ି ଚିକିତ୍ସା ଜନିତ ବିଳମ୍ବ ପାଇଁ ଜିଲ୍ଲାରେ ମୃତ୍ୟୁସଂଖ୍ୟା ବୃଦ୍ଧିର କାରଣ ବୋଲି କୁହାଯାଉଛି। ବ୍ୟାପକ ସଚେତନ ସତ୍ତ୍ୱେ ଜିଲ୍ଲାରେ ସାପକାମୁଡ଼ା ଜନିତ ମୃତ୍ୟୁରେ ରୋକ ଲାଗିପାରୁନି। ବନ୍ୟା ସମୟରେ ସାପକାମୁଡ଼ା ଜନିତ ମୃତ୍ୟୁକୁ ମଧ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରାକୃତିକ ଦୁର୍ଘଟଣା ଜନିତ ମୃତ୍ୟୁ ଭାବେ ବିବେଚନା କରି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ତେବେ ଏହି ଟଙ୍କା ସମ୍ପୃକ୍ତ ପରିବାରର ମୂଲ୍ୟବାନ ଜୀବନ ବିୟୋଗରେ ଏକ ସାନ୍ତ୍ୱନା ମୂଳକ ସହାୟତା ଭାବେ ବିବେଚିତ ହେଉଛି।

**ଓ ବର୍ଷ ହେଲା ମୃତ୍ୟୁ ସଂଖ୍ୟା ହ୍ରାସ ଏକ ଶୁଭ ସୂଚନା**



ତଥ୍ୟ ଅନୁଯାୟୀ, ୨୦୧୫-୧୬ ବର୍ଷରେ ଜିଲ୍ଲାରେ ୪୪ଜଣଙ୍କ ସାପକାମୁଡ଼ା ଜନିତ ମୃତ୍ୟୁ ଘଟିଥିବା ବେଳେ ୨୦୧୬-୧୭ରେ ୪୫, ୨୦୧୭-୧୮ରେ ୭୭, ୨୦୧୮-୧୯ରେ ୧୦୨, ୨୦୧୯-୨୦ରେ ୧୦୪, ୨୦୨୦-୨୧ରେ ୯୩, ୨୦୨୧-୨୨ରେ ୮୭, ୨୦୨୨-୨୩ରେ ୫୪ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୮-୧୯ରୁ କ୍ରମାଗତ ୬ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାରେ ସାପକାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ସର୍ବାଧିକ ରହିଛି। ଗତ ୮ ବର୍ଷର ହିସାବକୁ ନେଲେ ଜିଲ୍ଲାରେ ମୋଟ ୬୦୬ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଶେଷ ୩ ବର୍ଷ ମୃତ୍ୟୁ ସଂଖ୍ୟା କମିବା ଏକ ଶୁଭସୂଚନା। ସାପ କାମୁଡ଼ିବା ପରେ ଗୁଣିଗାରେଡ଼ି ଉପରେ ଭରସା ନକରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଆହାତଙ୍କୁ ନେବା ଓ ପ୍ରାରମ୍ଭିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ପାଇଁ ସରକାରୀ ବେସରକାରୀ ସ୍ତରରେ ବ୍ୟାପକ ଜନସେଚତନା ଏହାର ପ୍ରମୁଖ କାରଣ କୁହାଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାପକାମୁଡ଼ା ଉପଶମ ପାଇଁ ପର୍ଯ୍ୟାପ୍ତ ପରିମାଣର ଇଞ୍ଜେକସନ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ବର୍ଷର ଅନ୍ୟ ଦିନ ତୁଳନାରେ ବର୍ଷା ଋତୁରେ ସାପକାମୁଡ଼ା ଘଟଣା ଅଧିକ ରହିଥାଏ।

## ସ୍କୁଟି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବାରିପଦା, ୨୩।୪(ସମିସ): ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଘରାରୋଡ ନିକଟରେ ଏକ ସ୍କୁଟି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ରଘୁନାଥପୁର ଅଞ୍ଚଳର ଲାଲ ମୋହନ ସିଂ(୫୨)। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ପିଆରଏମ ହସ୍ପିଟାଲରୁ ଲାଲ ମୋହନ ନିଜ ଘରକୁ ଫେରିଥିବା ବେଳେ ବାଘରାରୋଡ ନିକଟସ୍ଥ ସାଇ ଡିଗ୍ରୀ କଲେଜ ସମ୍ମୁଖରେ କିଛି ସମୟ ପାଇଁ ଅଟକି ଯାଇଥିଲେ। ଉକ୍ତ ସମୟରେ ଏକ ଦ୍ରୁତଗାମୀ ସ୍କୁଟି ପଛ ପଟରୁ ଧକ୍କା ଦେଇଥିଲା। ଫଳରେ ଲାଲମୋହନ ଗାଡିରୁ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡ, ଗୋଡ଼ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ ଖଣ୍ଡିଆ ଖାବରା ହୋଇ ଗୁରୁତର ହୋଇଥିଲେ। ହେଲେ ସ୍କୁଟିଟି ଫେରାର ହୋଇଯାଇଥିଲା। ତେବେ ସ୍ଥାନୀୟ ଲୋକେ ଲାଲମୋହନଙ୍କୁ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଳିଆ ପକାଇବାକୁ ନେଇ ମହିଳାଙ୍କୁ ପଡ଼ୋଶୀଙ୍କ ଆକ୍ରମଣ

ବାରିପଦା, ୨୩।୪(ସମିସ): ଆଳିଆ ପକାଇବାକୁ ନେଇ ଜଣେ ମହିଳାଙ୍କୁ ପୋଡ଼ଶୀ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବେଲଗଡ଼ିଆ ୱାର୍ଡ ନମ୍ବର ୧ ଅଞ୍ଚଳର କୁମୁଦିନୀ ମାଇତି (୩୮) ସ୍ଥାନୀୟ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୁମୁଦିନୀଙ୍କ ପଡୋଶୀ ବିଶ୍ୱନାଥ ପଣ୍ଡା ପ୍ରତିଦିନ ପୌରପାଳିକାର ଅଳିଆ ସଂଗ୍ରହ ଗାଡିରେ ଅଳିଆ ନ ଦେଇ ତାଙ୍କ ଘର ନିକଟରେ ପକାଇଥାଆନ୍ତି। ଏନେଇ ସେ ପ୍ରତିବାଦ କରିବାରୁ ବିଶ୍ୱନାଥ ପଣ୍ଡାଙ୍କ ପତ୍ନୀ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ସେ ଘରେ ଏକୁଟିଆ ଥିବାବେଳେ ବିଶ୍ୱନାଥ ପଣ୍ଡା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ କରିଛନ୍ତି। ଫଳରେ କୁମୁଦିନୀ ଆହତ ହୋଇ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଯଦି ସେ ଆଇନର ଆଶ୍ରୟ ନେବେ ତାହାହେଲେ ତାଙ୍କ ପରିବାରକୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଛନ୍ତି। ଘଟଣା ବାବଦରେ ଭଞ୍ଜପୁର ଥାନାରେ ଅଭିଯୋଗକ୍ରମେ ବିଶ୍ୱନାଥ ପଣ୍ଡା ଓ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଟାଉନ ଥାନାରେ ଦୁଇଟି ମାମଲା ରୁଜୁ

ବାରିପଦା, ୨୩।୪(ସମିସ): ସୁନାମୁହିଁ ଅଞ୍ଚଳରେ ରଘୁନାଥ ଗିରିଙ୍କୁ ତାଙ୍କ ଝିଅ ଓ ଜ୍ୱାଇଁ ଜୀବନରୁ ମାରିଦେବା ନିମନ୍ତେ ଘରେ ପଶି ଧମକ ଦେଇଛନ୍ତି। ଏ ନେଇ ସେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରଘୁନାଥ ଗିରିଙ୍କ ଝିଅ ପଲ୍ଲବୀ ଗିରି ଓ ଜ୍ୱାଇଁ ପ୍ରିୟବ୍ରତ ଘଣା ତାଙ୍କର ଘରକୁ ଉଦ୍ଦେଶ୍ୟମୂଳକ ଭାବେ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି। ସେ ଏହାର ପ୍ରତିବାଦ କରୁଥିବାରୁ ଝିଅ ଓ ଜ୍ୱାଇଁ ତାଙ୍କ ଘରେ ପହଞ୍ଚି ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଏଥିସହିତ ଗାଳିଗୁଲଜ କରିବା ସହ ବାଇକ୍‌କୁ ଭାଙ୍ଗି ଦେଇଛନ୍ତି। ପରେ ପିସିଆର ଭ୍ୟାନ ଆସିବାରୁ ଉଭୟ ଖସି ପଳାଇଥିଲେ। ତେବେ ଝିଅ ପଲ୍ଲବୀ ଗିରି ବାରିପଦା ଟାଉନ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସେ ଗର୍ଭବତୀ ସମୟରେ ତାଙ୍କ ଶାଶୂଘରକୁ ଯାଇଥିବା ବେଳେ ବାପା ରଘୁନାଥ ଗିରି ଓ ଭାଇ ବିଭୁରଞ୍ଜନ ଗିରି ତାଲା ଭାଙ୍ଗି ଉକ୍ତ ଘରେ ଜୋର ଜବରଦସ୍ତ ଭାବେ ରହିଛନ୍ତି। ସେ ଘରକୁ ଫେରିବା ପରେ ତାଙ୍କୁ ରହିବାକୁ ନ ଦେଇ ମାରପିଟ କରି ଘରୁ ବାହାର କରି ଦେଇଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ସେ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିବେ ବୋଲ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଉଭୟଙ୍କ ଅଭିଯୋଗକ୍ରମେ ପୁଲିସ ଉଭୟ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# 'ଆମ ସଂସ୍କୃତି ଓ ଆମ ଖେଳନା' ଉପରେ କର୍ମଶାଳା



ବାରିପଦା, ୨୩।୪(ସମିସ): ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ପୌରପାଳିକା ଅନ୍ତର୍ଗତ ୩ଟି କ୍ଲଷ୍ଟରର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଆମ ସଂସ୍କୃତି ଓ ଆମ ଖେଳନା ଉପରେ ଏକ ୪ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପୂର୍ଣ୍ଣଚନ୍ଦ୍ରପୁର, ଏମକେସି ଓ ନହରପଦା କ୍ଲଷ୍ଟରର ମୋଟ ୪୫ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର କୁନିକୁନି ପିଲାଙ୍କୁ ପାଠ ପ୍ରତି ଆକର୍ଷିତ କରିବା ସହ ନିଜ ସଂସ୍କୃତି ସହ ଅବଗତ କରିବା ପାଇଁ କାଠ, ମାଟି, ସବାଇ ଘାସ ଓ ପ୍ଲାଇରେ ବିଭିନ୍ନ ପ୍ରକାରର ଖେଳନା ପ୍ରସ୍ତୁତ କରିବାର ଉପାୟ ଜାଣିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ସାଧନ କର୍ମୀ ଭାବେ ଶିକ୍ଷକ ସରୋଜ କୁମାର ମହାନ୍ତ ଓ ମହେଶ୍ୱର ମାଣ୍ଡି ଯୋଗଦେଇ ଖେଳନା ପ୍ରସ୍ତୁତିରେ ସହଯୋଗ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ଡଃ ସ୍ନେହଲତା ବେହେରା ଓ ତପସ୍ୱିନୀ ଦାଶ ଏବଂ ସମଗ୍ର ଶିକ୍ଷା, ମୟୁରଭଞ୍ଜର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି କର୍ମଶାଳା ପରିଦର୍ଶନ କରିଥିଲେ। ତିନୋଟି କ୍ଲଷ୍ଟରର ସିଆରସିସି ଧନଞ୍ଜୟ ସାହୁ, ରାଜକିଶୋର ସେଠୀ, କନକଲତା ମାଝୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଗାଡ଼ି ଯାଞ୍ଚ୍ ବେଳେ ଧରାପଡ଼ିଲେ ମଦ୍ୟପ ଚାଳକ

ବାରିପଦା, ୨୩।୪(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ନେଇ ପୁଲିସ ପକ୍ଷରୁ ବାରିପଦା ସହରରେ ଯାନବାହନ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଛି। ଉକ୍ତ ଯାଞ୍ଚ ସମୟରେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଜଣେ ମଦ୍ୟପ ଚାଳକ ବିରୋଧରେ ମାମଲା ରୁଜୁ କରାଯାଇଛି। ସେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁନଗଡ଼ିଆ ଅଞ୍ଚଳର ସୁବରାଜ ମୁଖୀ (୩୭)। ସ୍ଥାନୀୟ ସୁନଗଡ଼ିଆ ସ୍ଥିତ ଟିବି ହସ୍ପିଟାଲରେ ପୁଲିସ ପକ୍ଷରୁ ସନ୍ଧ୍ୟାକାଳୀନ ଗାଡି ମଟର ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା। ଉକ୍ତ ସମୟରେ ସୁବରାଜ ମଦ୍ୟପ ଅବସ୍ଥାରେ ଦ୍ରୁତବେଗରେ ବାଇକ ନେଇ ଆସିଥିଲେ। ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେ ଅଟକି ନ ଥିଲେ। ପରେ ପୁଲିସ ଅଟକାଇବାରୁ ସେ ପ୍ରଚୁର ପରିମାଣରେ ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡ଼ିଥିଲା। ଏନେଇ ପୁଲିସ ପକ୍ଷରୁ ଗାଡି ମୋଟର ଚାଳନା ଆଇନ ଅନୁଯାୟୀ ମାମଲା ରୁଜୁ କରି ବାଇକ ଜବତ କରିଛି। ଏଥି ସହିତ ସୁବରାଜଙ୍କ ବିରୋଧରେ ଡ୍ରିଙ୍କ ଏଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ ହୋଇଛି।

## ବିଦେଶୀ ମଦ ଜବତ; ଜଣେ ଗିରଫ

ବାରିପଦା, ୨୩।୪(ସମିସ): ବାରିପଦା ସହର ପୁଣି ବେଆଇନ ମଦ ଜବତ ହୋଇଛି। ଏଥି ସହିତ ଉକ୍ତ କାରବାରରେ ସମ୍ପୃକ୍ତ ଥିବା ଜଣକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ହଦହଦି ଅଞ୍ଚଳର ବିଶୋକ କୁମାର ସାହୁ(୩୬)। ସୂଚନା ଅନୁଯାୟୀ, ବାରିପଦା ସହରର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଢାବା ଏବଂ ଫାଷ୍ଟଫୁଡ଼ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଥିଲା। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ନେତୃତ୍ୱରେ ପାଟ୍ରୋଲିଂ ଜାରି ଥିବା ବେଳେ କୃଷ୍ଣଚନ୍ଦ୍ର ଗୋଲେଇ ନିକଟସ୍ଥ ବାସନ୍ତୀ ଢ଼ାବାରେ ବେଆଇନ ବିଦେଶୀ ମଦ କାରବାର ଚାଲୁଥିବା ନେଇ ଖବର ମିଳିଥିଲା। ପରେ ପୁଲିସ ଚଢ଼ଉ କରି ୯ଲିଟର ୬୮୦ ମିଲି ବିଦେଶୀ ମଦ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରିଛି।

## କମୁଛି ବାରିପଦାର ତାପମାତ୍ରା; ୨୩ରେ ଥିଲା ୪୧.୨ ଡିଗ୍ରୀ

# ପୁଣି ଏପ୍ରିଲ ୨୬ ଓ ୨୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ବାରିପଦା, ୨୩।୪(ସମିସ)



ବାରିପଦା ବାରମ୍ବାର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିବା ବେଳେ ସୋମବାର ଓ ମଙ୍ଗଳବାର ତାପମାତ୍ରା କ୍ରମଶଃ ହ୍ରାସ ପାଇଛି। ଗତ ଶୁକ୍ରବାର ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ଥିବାବେଳେ ଶନିବାର ୪୫.୨ରେ ପହଞ୍ଚିଥିଲା। ରବିବାର ୪୪.୬ ଡିଗ୍ରୀ ରହି ଚଳିତ ବର୍ଷ ପଞ୍ଚମ ଥର ପାଇଁ ସର୍ବାଧିକ ଉତ୍ତପ୍ତ ସହରଭାବେ ରେକର୍ଡ କରିଥିଲା। ତେବେ ସୋମବାର ୪୨.୬ଡିଗ୍ରୀ ରହିଥିବାବେଳେ ମଙ୍ଗଳବାର ୪୧.୨ ଡିଗ୍ରୀ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯାଇଛି। ପ୍ରଚଣ୍ଡ ତାତି ସାଙ୍ଗକୁ ଝାଞ୍ଜି, ଗରମ, ଗୁଳୁଗୁଳିରେ ସପ୍ତାହ ବ୍ୟାପୀ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାବାସୀ କଲବଲ ହେଉଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସକାଳୁ ଖରାର ପ୍ରକୋପ ଅନେକ ମାତ୍ରାରେ ରହିଥିଲା। ମଙ୍ଗଳବାର ସକାଳ ୧୧ଟା ସୁଦ୍ଧା ମଧ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ବାରିପଦାର ଥିଲା। ଅସହ୍ୟ ଗୁଳୁଗୁଳି ସହ ରୌଦ୍ରତାପ ଅନୁଭୂତ ହୋଇଛି। ତାପମାତ୍ରା ବୃଦ୍ଧି ପାଇ ଦିନ ୧୧ଟା ପରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି; ଯାହାକୁ ନେଇ ରାସ୍ତାଘାଟ ଶୂନଶାନ ରହିଥିବାବେଳେ ବାରିପଦା ସହରରେ ଅଘୋଷିତ କର୍ଫ୍ୟୁ ଲାଗିଲା ଭଳି ଲାଗୁଛି। ପୁଣି ଆସନ୍ତା ୨୫ରୁ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପ୍ରିଲ ୨୬ ଓ ୨୭ ଦୁଇ ଦିନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ନେଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।










## ସଦ୍‌ଭାବନା ସମିତିର ୫୪୦ତମ ମାସିକ ସନ୍ଥ ଦିବସ

ବାରିପଦା, ୨୩।୪(ସମିସ): ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ ପୃଥିବୀରେ ଯେଉଁମାନେ ସାମାଜିକ ଅବଦାନ କ୍ଷେତ୍ରରେ ପଥର ପଡ଼ିଲେ ବି ସହି ଅନ୍ୟର ଦୁଃଖହର୍ତ୍ତା ସେମାନଙ୍କ ମଧ୍ୟରୁ ଅଧିକାଂଶ ଦରିଦ୍ର ସନ୍ତାନ। ଏଭଳି ଦୃଷ୍ଟାନ୍ତକୁ ଦୋହରାଇ ହୋଟେଲ ଦୁର୍ଗା ସଭାକକ୍ଷରେ ସଦ୍‌ଭାବନା ସମିତିର ୫୪୦ତମ ମାସିକ ମାନସ ମନ୍ଥନ ସନ୍ଥ ଦିବସ ଇଂ.ସର୍ବେଶ୍ୱର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସରେ ଧରାବତରଣ କରିଥିବା ସନ୍ଥ ଜ୍ଞାନଦେବ, ସନ୍ଥ ନାମଦେବ ଏବଂ ସ୍ୱାମୀ ତ୍ରିଲିଙ୍ଗ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ସଭାସଜ୍ଜନ ମଣ୍ଡଳୀ ପ୍ରଥମେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାରେ ଭାଇ ବେଣୁଧର ମହାରଣା, ବ୍ରହ୍ମକୁମାରୀ ଭଉଣୀ ଉମା, ପଶୁପତି ନାଏକ, ମାନସ ରଞ୍ଜନ ମହାପାତ୍ର, ଅଲେଖ ଚନ୍ଦ୍ର ପାଠୀ, ଶିରୀଷ ଚନ୍ଦ୍ର ସାହୁ, ରସାନନ୍ଦ ବଳ, ସର୍ଦାର ହରଚରଣ ସିଂହଜୀ, ଜନାବ ଏସ୍ କେ ମୟୀଉଦ୍ଦିନ୍ ଅଲିଜ୍, ଫାଦାର ଅଜୟ ଲାକ୍ରା ପ୍ରମୁଖ ସର୍ବଧର୍ମ ସମ୍ପ୍ରଦାୟର ସଞ୍ଚାଳକ ବର୍ଗ ପୁରାଣ ଶାସ୍ତ୍ରକୁ ନକଲ କରି ଶୁଆଶାରୀ ସମ ଘୋଷି ସଭା ସମିତିର ସବ୍‌ଜାନ୍ତି ମୁର୍ଖମାନଙ୍କ ପ୍ରତି ସତର୍କ ନ ରହିଲେ ଔଷଧ ଚିହ୍ନିବାରେ ଭୁଲ୍ କଲେ ଯେମିତି ଜୀବନ ଚାଲିଯାଏର ପରିଣତି ଭୋଗ କରିବାକୁ ପଡେ ବୋଲି ଅଭିମତ ରଖିଥିଲେ।

ସଭାରେ ସମ୍ପାଦକ ସତ୍ୟାନନ୍ଦ ଶେଜପଡ଼ା, ସଂଯୋଜକ ଡ. ପୁଷ୍ପାରାଣୀ ପାତ୍ର, ସହସମ୍ପାଦକ ଇଂ. ମନୋଜକୁମାର ଦଣ୍ଡପାଟ, ସଦସ୍ୟ ମନୋଜ କୁମାର ପଣ୍ଡା, ନିଳାଦ୍ରୀ ବିହାରୀ ଦଣ୍ଡପାଟ, ସର୍ବେଶ୍ୱର ନାୟକ, ଇଂ, ପ୍ରଦୀପ କୁମାର ପାଲ୍ ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ତଥା ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଆକୃତିରେ ମଣିଷ ପ୍ରକୃତିରେ ପଶୁ ଯୁଆଡେ ବର୍ଷା ସେଇଆଡେ ଛତା ଦେଖାଇ ଅନୀତିରେ ଅଙ୍କୁଶ ଲଗାଇବାକୁ ସତସାହସ ନ ଥିବାରୁ ପରିଣାମ ବଶତଃ ଈଶ୍ୱରଙ୍କ ଲାଠିରେ ତା ପାଇଁ ଶବ୍ଦ ନାହିଁ ବାଣୀ ରଖି ସମସ୍ତଙ୍କୁ ପ୍ରାଣ ମୁଦ୍ରାରେ ପ୍ରଣିପାତ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



## ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା

# ଶବ ରଖି ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

**ସାରସକଣା/ଜାମଶୋଳା, ୨୩।୪(ସମିସ)**



ଝାରପୋଖରିଆ ଥାନା ଅଧୀନ ସାନଚାଟରା ଗ୍ରାମରେ ସୋମବାର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏହି ଘଟଣାକୁ ନେଇ ମଙ୍ଗଳବାର ଭିନ୍ନ ରୂପ ଧାରଣ କରିଥିଲା। ଉତ୍ତ୍ୟକ୍ତ ଲୋକେ ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ବଡ଼ ଛକରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ବହୁ ଯାନବାହନ ଅଟକି ରହିଥିଲା। ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟଣାରେ ଝାରପୋଖରିଆ ଥାନାରେ ୭ଜଣ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଅଟକ ରଖିଛି। ତେବେ ପରିବାର ଲୋକଙ୍କ ଅଭିଯୋଗ ମୁତାବକ ଏହି ଘଟଣାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣାରେ ବସିଥିଲେ। ଅବରୋଧ ସ୍ଥଳରେ ତୁରନ୍ତ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପରେ ଝାରପୋଖରିଆ ପୁଲିସ ଉତ୍ତ୍ୟକ୍ତଙ୍କୁ ବୁଝାସୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା। ଶୀଘ୍ର ଅନ୍ୟ ଅଭିଯୁକ୍ତମାନେ ଗିରଫ ନହେଲେ ପରିସ୍ଥିତି ଆହୁରି ଉଗ୍ରରୂପ ନେବ ବୋଲି ଉତ୍ତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ଅପରାହ୍ନରେ ସାମାନ୍ୟ ବଚସାରୁ ମରଣାନ୍ତକ ଆକ୍ରମଣରେ ଝାରପୋଖରିଆ ଥାନା ଅନ୍ତର୍ଗତ ବଡ଼ଚାଟରା ଗ୍ରାମର ଗୋପାଳ ମହନ୍ତ (୧୯)ଙ୍କ ମୃତ୍ୟୁ ଘଟିଥିଲା। କୌଣସି କାରଣକୁ ନେଇ ଗୋପାଳଙ୍କ ସହିତ ୪ଜଣ ଯୁବକଙ୍କ ବଚସା ହୋଇଥିଲା। ପରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଫଳରେ ଉକ୍ତ ଯୁବକମାନେ ଗୋପାଳଙ୍କୁ ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ପରେ ତାଙ୍କୁ ଶାର୍ଦ୍ଦା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଗୋପାଳଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଝାରପୋଖରିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୁଲିସ ୨ ଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତ ଯୁବକଙ୍କ ବାପାଙ୍କର ୨ ବର୍ଷ ତଳେ ମୃତ୍ୟୁ ଘଟିଥିବା ବେଳେ ବିଧବା ମା' ତାଙ୍କ ପୁଅର ହତ୍ୟାକାରୀଙ୍କୁ ଗିରଫ ପାଇଁ ଦାବି କରିଛନ୍ତି।

## ବାଥୁଡ଼ି ସମ୍ପ୍ରଦାୟର ବଡାମ ପୂଜା ଓ ଚାଙ୍ଗୁ ନୃତ୍ୟ



**ଯଶିପୁର, ୨୩।୪(ସମିସ):** ଶିମିଳିପାଳର ଅଠର ଦେଉଳଠାରେ ବାଥୁଡି ସମ୍ପ୍ରଦାୟର ଅଧିଷ୍ଠାତା ଠାକୁର ବଡାମ ବଡାମଣିଙ୍କ ପୂଜାସ୍ଥଳୀ ରହିଛି। ପ୍ରତ୍ୟେକ ବର୍ଷ ଚୈତ୍ର ମାସରେ ଏଠାରେ ବାର୍ଷିକ ବଡାମ ପୂଜା ଅନୁଷ୍ଠିତ ହୋଇଥାଏ। ଅଠରଦେଉଳ ପୂଜା ଶେଷ ହେବାପରେ ପ୍ରତ୍ୟେକ ବାଥୁଡି ଗ୍ରାମର ବଡାମ ଶାଳରେ ବଡାମ ଠାକୁର ପୂଜା ପାଇଥାନ୍ତି। ଏହି ଉପଲକ୍ଷେ ବଡାମଙ୍କ ଉଦ୍ଦେଶ୍ୟରେ ଚାଙ୍ଗୁ ବାଦ୍ୟ ସହିତ ଗ୍ରାମର ମହିଳା ଓ ପୁରୁଷ ନୃତ୍ୟ ପରିବେଷଣ କରିଥାନ୍ତି। ଯଶିପୁର ଅଞ୍ଚଳର ଚମ୍ପାବଳଦା ଓ ସିଙ୍ଗାରପୁର ଗାଁରେ ବାର୍ଷିକ ବଡାମ ପୂଜା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଜିଲ୍ଲା ପରିଷଦ ସଭ୍ୟା ମିନତୀ ନାଏକ, ବ୍ଲକ ବିଜେଡି ମହିଳା ସଭାପତି ଜ୍ୟୋତ୍ସ୍ନାମୟୀ ନାଏକ, କୁଞ୍ଜଲତା ମହାନ୍ତ, ମାଟିଆଗଡ଼ ସରପଞ୍ଚ ରଶ୍ମିତା ନାଏକ, ଜାମୁକେଶ୍ୱର ସରପଞ୍ଚ ମମତା ନାଏକ, ମାଟିଆଗଡ଼ ସମିତି ସଭ୍ୟ ଭରତ ନାଏକ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ସଞ୍ଜୟ ନାଏକ, ସୁରୁ ନାଏକ, ସୁବାସ ନାଏକ, ବାସନ୍ତୀ ନାଏକ, ସୁରୁମଣି ନାଏକ, ମିନତୀ ନାଏକ, ଆରତୀ ନାଏକ, ଚମ୍ପା ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ୧୦୭ ମାମଲାକୁ ନେଇ ତହସିଲ ପରିସରରେ ଉତ୍ତେଜନା

**ବଡସାହି, ୨୩।୪(ସମିସ):** ବଡସାହି ଥାନା ପକ୍ଷରୁ ନିର୍ବାଚନ, ଜମିବାଡି ସଂକ୍ରାନ୍ତ ଏବଂ ବିଭିନ୍ନ ପ୍ରକାର ମାମଲାରେ ପୁଲିସ ପକ୍ଷରୁ ୧୦୭ଟି ମାମଲା ରୁଜୁ ହୋଇଛି। ଏହିସବୁ ମାମଲାର ସମାଧାନ ପାଇଁ ପୋଲିସ ତହସିଲଦାରଙ୍କ କୋର୍ଟକୁ ପଠାଇ ଦିଆଯାଇଛି। ଫଳରେ ମାମଲା ଥିବା ବ୍ୟକ୍ତିବିଶେଷଙ୍କ ନାମରେ ନୋଟିସ ଯିବା ସାଧାରଣ ଖର୍ଚ୍ଚାନ୍ତର ମଧ୍ୟ ଶିକାର ହେଉଥିବାର ଦେଖାଯାଉଛି। ମଙ୍ଗଳବାର ପାଉଁଶିଆ, ଶିଆଳିଘାଟୀ, ହରିପୁର ଆଦି ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଆସିଥିବା ବେଳେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ତହସିଲରେ ଅନୁପସ୍ଥିତ ଥିଲେ। ଫଳରେ ଲୋକଙ୍କୁ ନୋଟିସ କରି ଡାକି ତହସିଲଦାର ଅନୁପସ୍ଥିତ ରହିବା ନେଇ ଉତ୍ତେଜନା



ପରେ ପ୍ରତ୍ୟେକ ଦିନ ତହସିଲକୁ ଲୋକଙ୍କ ସୁଅ ଛୁଟୁଛି। ଏପରିକି କିଛି ଲୋକଙ୍କ ନାମରେ କିପରି ୧୦୭ ମାମଲା ହେଲା ତାହାକୁ ନେଇ ମଧ୍ୟ ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଦେଖାଦେଇଥିଲା। ପରେ ଲୋକେ ତହସିଲ ଘେରିବା ସହିତ ଅଫିସ ଭିତରେ ପଶି ହୋହଲ୍ଲା କରିଥିଲେ। ପରିସ୍ଥିତ ଅଣାୟତ୍ତ ହେବାରୁ ପୁଲିସ ପହଞ୍ଚି ଆୟତ୍ତ କରିଥିଲା।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ କୋର୍ଟଚାଲାଣ

**ମହୁଲଡିହା, ୨୩।୪(ସମିସ):** ମହୁଲଡିହା ଥାନା ଅଧୀନ ସାତକୋଶିଆ ଗ୍ରାମରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜନୈକ ୧୫ ବର୍ଷର ବାପଛେଉଣ୍ଡ ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରି ଦୁଇ ମାସର ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହୁଲଡିହା ଥାନାରେ ନାବାଳିକାର ମାଆ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଆନନ୍ଦପୁର ଥାନା ଅଧୀନ ତନେଇପାଳ ଗ୍ରାମରୁ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଲୋହାରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଥଇଥାନ ଓ କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ବୈଠକ

# ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ



**ବାରିପଦା/ଶୁଳିଆପଦା, ୨୩।୪(ସମିସ):** ଥଇଥାନ ଓ କ୍ଷତିପୂରଣ ପ୍ରଦାନ ଦାବିରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଜମ୍ବିରା ଡ୍ୟାମତଳ ଅଞ୍ଚଳରେ ବସବାସ କରୁଥିବା ଦେଉଳି ପଞ୍ଚାୟତର ଉଆସଡିହି, ବିକେଶିପୁର ଗ୍ରାମବାସୀଙ୍କ ମଙ୍ଗଳବାର ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ନିର୍ବାହ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରଉ କରାଯିବ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦେଉଳି ଜମ୍ବିରା ଡ୍ୟାମ ନିର୍ମାଣର ୩୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ଉକ୍ତ ଗ୍ରାମ ବାସୀଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଉକ୍ତ ଗ୍ରାମର ୮ପରିବାରକୁ ଗୁପ୍ତ ଭାବରେ କ୍ଷତିପୂରଣ ପୂରଣ ପ୍ରଦାନ କରାଯାଇଥିବା ବେଳେ ଆହୁରି ୩ଶହରୁ ଅଧିକ ପରିବାରଙ୍କୁ ଦିଆଯାଇନାହିଁ। ତେଣୁ ଗତ ୧୯ ତାରିଖରେ ଗ୍ରାମବାସୀଙ୍କୁ ନେଇ ଦେଉଳିଠାରେ ଥିବା ସୁବର୍ଣ୍ଣରେଖା ଜଳସେଚନ କାର୍ଯ୍ୟାଳୟକୁ ଘେରଉ କରାଯାଇଥିଲା। ଅନ୍ଦୋଳନ ସ୍ଥଳକୁ କୌଣସି ଅଧିକାରୀ ପହଞ୍ଚି ନ ଥିବାବେଳେ ମାସା ଆର୍ମୀର ରାଜ୍ୟ ସଭାପତି ପହଞ୍ଚି ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଲକ୍ଷ୍ମିପୋଷି ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ନିର୍ବାହ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କୁ ଆଗାମୀ ୭ଦିନ ଭିତରେ କ୍ଷତିପୂରଣ ପ୍ରଦାନ କରା ନ ଗଲେ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ନିର୍ବାହ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରଉ କରାଯିବ ସହିତ ଭୋଟ୍ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୨ ଗୋରୁ ବୋଝେଇ ପିକଅପ୍ ଜବତ; ଚାଳକ ଫେରାର୍

**କୁଆମରା, ୨୩।୪ (ସମିସ):** ଖୁଣ୍ଟା ଥାନା ପୁଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଗୋରୁ ବୋଝେଇ କରୁଥିବା ଦୁଇଟି ପିକଅପକୁ ଜବତ କରିଛି। ପରେ ବେଆଇନ ଭାବେ ଚାଲାଣ ହେଉଥିବା ୫ ଗୋରୁକୁ ଜବତ କରାଯାଇଛି। ଉଦଳା ବାରିପଦା ୧୯ ନମ୍ବର ଜାତୀୟ ରାଜପଥରେ ଏକ ପିକଅପ୍ ଯୋଗେ ୫ଟି ଗୋରୁକୁ ବୋଝେଇ କରି ନିଆଯାଉଥିବା ବେଳେ ଗାଡିଟି ପୁରୁଣାପାଣି ଛକ ନିକଟରେ ଖରାପ ହୋଇଯାଇଥିଲା। ପରେ ଅନ୍ୟ ଏକ ଗାଡି ଆସି ପହଞ୍ଚିଥିଲା। ତେବେ ଉକ୍ତ ପିକଅପରୁ ଗୋରୁକୁ ଅନ୍ୟ ଗାଡିରେ ନିଆଯାଉଥିବାବେଳେ ପୁଲିସ ପହଞ୍ଚିଥିଲା। ମାତ୍ର କୌଶଳକ୍ରମେ ପିକଅପ୍ ଓ ଗୋରୁ ଛାଡି ଦେଇ ଦୁଇ ଚାଳକ ଫେରାର ହୋଇଯାଇଥିଲେ। ପରେ ପୁଲିସ ଗାଡି ଦୁଇଟିକୁ ଜବତ କରି ଥାନାରେ ଅଟକ ରଖଯାଇଛି। ଉଦ୍ଧାର ହୋଇଥିବା ୫ ଗୋରୁକୁ ବାଲେଶ୍ୱର ଗୋଶାଳାକୁ ପଠାଇ ଦିଆଯାଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ପୁରୁଣା ବାରିପଦାରେ ଉଡ଼ାଯାତ୍ରା

**କୁଆମରା, ୨୩।୪(ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାଠାରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଉଡା ଯାତ୍ରା ଅନୁଷ୍ଠିତ ହୋଇଥିଏ। ତିନି ଦିନ ପୂର୍ବରୁ ମାଆ ବାସୁଳୀଙ୍କ ପୀଠରେ ପୃଥକ ଭାବେ ସନ୍ଧ୍ୟାରେ ଝୁଲାପାଟ, କଣ୍ଟାପାଟ ଓ ନିଆଁପାଟ କାର୍ଯ୍ୟ ଦାସୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଆଜି ସକାଳେ ପୋଖରୀରୁ ଯାତ୍ରା ଘଟ ଆସି ଗ୍ରାମ ପରିକ୍ରମା ପରେ ବାସୁଳୀଙ୍କ ପୀଠରେ ପହଞ୍ଚିଥିଲା। ପୁଣି ସନ୍ଧ୍ୟାରେ ପୂଜା ପାଠ ପରେ ଚୈତନ୍ୟ ଜେନା, ଅଜିତ ମଲିକ, ଜ୍ୟୋତିରଞ୍ଜନ ବେହେରା, ଜଟାଧାରୀ ଦେହୁରୀ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଚଳିତ ବର୍ଷ ମୋଟ ୧୬ ଜଣ ଭକ୍ତ ଉଡିବାରେ ଭାଗ ନେଇଥିଲେ। ସେହିପରି ପୂର୍ବରୁ ଠାକୁରଙ୍କ ପାଖରେ ମାନସିକ ଥିବା ୧୨ ଜଣ ଉପାସକ ଆଜି ସନ୍ଧ୍ୟାରେ ନିଜ ପିଠିରେ କଣ୍ଟା ଫୁଡା କାର୍ଯ୍ୟ କରିଥିଲେ। କମିଟିର ସଭାପତି ବୁଧିଆ ଜେନାଙ୍କ ତତ୍ତ୍ୱାବଧାନରେ ଅଭିଜିତ୍ ଦେହୁରୀ, ସୁମନ୍ତ ନାଏକ, ନିନି ମଲିକ, ରମେଶ ବାରିକ, ମତିଲାଲ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଣମତଳାରେ ପାନୀୟଜଳ ସଂକଟ

**କରଞ୍ଜିଆ, ୨୩।୪(ସମିସ):** କରଞ୍ଜିଆ ବ୍ଲକରୁ ମାତ୍ର ୩କି.ମି ଦୂର ରଣମତଳା ଗ୍ରାମ। ସମ୍ପ୍ରତି ଏହି ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଁ ଭାଁ କେତୋଟି ନଳକୂଅକୁ ଛାଡିଥିଲେ ବହୁ ଅଚଳ ଅବସ୍ଥାରେ ରହିଛି। ଗ୍ରାମବାସୀ ଗୋଟିଏ ଗୋରା ପାଣି ନେବାକୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଗ୍ରାମର ପାତ୍ର ସାହିର ନଳ କୂପଟି ଦୀର୍ଘ ଦିନ ହେଲା ଅଚଳ ଅବସ୍ଥାରେ ରହିଛି। ଫଳରେ ସାହିର ଲୋକେ ବାଧହୋଇ ଅନ୍ୟ ଅଞ୍ଚଳରୁ ପାଣି ସଂଗ୍ରହ କରୁଛନ୍ତି। ତେବେ ସବୁଠୁ ଚିନ୍ତାର ବିଷୟ ହେଉଛି ଗତ କିଛି ବର୍ଷ ଆଗରୁ ସ୍ୱଜଳାଧାରା ଯୋଜନାରେ ଓଭରହେଡ଼ ଟାଙ୍କି ଓ ପାଇପ ବିଛାଯାଇଛି; କିନ୍ତୁ ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଇଥିବାରୁ ପାଣି ଅପଚୟ ହେଲା। ଫଳରେ ଲୋକମାନେ ପାଣି ପାଇବାକୁ ହଇରାଣ ହେଲେ। ଏବେ ଗ୍ରାମର ଦୁଇ ଶହରୁ ଊର୍ଦ୍ଧ୍ୱ ପରିବାରକୁ ପାଇପ ସଂଯୋଗ କରାଯାଇଛି; କିନ୍ତୁ କିଛି ଲୋକ ଚୋରାରେ ମଟର ବସାଇ ପାଣି ଚୋରି କରି ନେଉଥିବାରୁ ଗରିବ ଲୋକେ ପାଣି ପାଉନାହାନ୍ତି। ଏବେ ଅସହ୍ୟ ଗରମ ସାଂଗକୁ ପାଣି ସମସ୍ୟା ଦ୍ୱିଗୁଣିତ କରିଛି। ଫଳରେ ଏହି ଗାଁରେ ଏବେ ପାରି ପାଇଁ ହାହାକାର ହୋଇଛି।

## ୨୭୦୦ ଲିଟର ମହୁଲ ପୋଚ ନଷ୍ଟ; ୩ ଗିରଫ



**ମୋରଡା, ୨୩।୪(ସମିସ):** ମୟୂରଭଞ୍ଜ ଜିଲା ମୋରଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୨୭୦୦ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହିତ ୨୫୦ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ବିଭାଗ ଓ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନଙ୍କ ନେତୃତ୍ୱରେ ପୁଟୁକିଶୋଳ ଗ୍ରାମର ଭାଲିଆଡିପାରେ ଚଢ଼ଉ କରାଯାଇ ୩୦ ଲିଟର ଦେଶୀ ମଦ ଜବତ କରିବା ସହିତ କାହ୍ନୁ ହେମ୍ବ୍ରମଙ୍କୁ ଗିରଫ କରିଛି ପୁଲିସ। ସେହିପରି ଗଡ଼ିଆ ପଞ୍ଚାୟତର ବାଉଁଶକଣ୍ଟିଆ ଗ୍ରାମରେ ଥିବା ବେଆଇନ ଦେଶୀ ଭାଟିରେ ଚଢ଼ାଉ କରି ୨୭୦୦ ଲିଟର ମହୁଲ ପୋଚ ନଷ୍ଟ କରିଥିବା ବେଳେ ୨୦୦ ଲିଟର ଦେଶୀ ମଦ ଜବତ ହୋଇଛି। ମଦ ତିଆରି ଉପକରଣ ମଧ୍ୟ ଜବତ କରିଛି ଅବକାରୀ ବିଭାଗ। ଏଥିରେ ସମ୍ପୃକ୍ତ ଥିବା ବାବୁଲାଲ କିସ୍କୁ, ଶିବା ଟୁଡୁଙ୍କୁ ଗିରଫ କରିଛି ପୁଲିସ। ସେହିପରି ସମାଇଡ଼ିହି ଗ୍ରାମରେ ଚଢ଼ଉ କରି କୋଡିଏ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ପାଜୁ ହାଁସଦାଙ୍କୁ ଗିରଫ କରାଯାଇଥିଲା; ହେଲେ ପରେ ଛାଡି ଦିଆଯାଇଛି।

## ଡଗୱେଲରେ ପଡ଼ିଥିବା ହାତୀକୁ ଉଦ୍ଧାର କଲା ବନବିଭାଗ

**ମୋରଡ଼ା/ରାସଗୋବିନ୍ଦପୁର, ୨୩।୪(ସମିସ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧିନ ପୁଡାପଡ଼ା ଗ୍ରାମରେ ଏକ ହାତୀ ବଡ଼ କୂଅ (ଡଗୱେଲ)ରେ ପଡ଼ିଯାଇଥିବାବେଳେ ଉଦ୍ଧାର କରାଯାଇଛି। ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ, ଗତକାଲି ରାତି ଦଶଟା ସମୟରେ ଏହି ରେଞ୍ଜ ଅଧୀନ ଅମର୍ଦା ରିଜର୍ଭ ଫରେଷ୍ଟରେ ବିଲ-ନାଳ ମଝିରେ ଥିବା ଏକ ବଡ଼ କୂଅ (ଡଗୱେଲ) ରେ ଏକ ହାତୀ ପଡ଼ିଥବା ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ପରେ ରେଞ୍ଜର ସିଂ ଓ କର୍ମଚାରୀମାନେ ପହଞ୍ଚି ଦୀର୍ଘ ତିନି ଘଣ୍ଟା ପରେ ହାତୀଟିକୁ ଉଦ୍ଧାର କରିଥିଲେ। ହାତୀଟିର ବୟସ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ। ଉଦ୍ଧାର ପରେ ହାତୀଟିକୁ ଜଙ୍ଗଲରେ ଛାଡି ଦିଆଯାଇଛି ବୋଲି ରେଞ୍ଜର କହିଛନ୍ତି।

## ସ୍ୱଧର୍ମକୁ ଫେରିଲେ ଗୋଟିଏ ପରିବାରର ୪ ସଦସ୍ୟ

**ମହୁଲଡିହା, ୨୩।୪(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅଧୀନ ଜାମୁନଣ୍ଡା ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ୨୩ ତାରିଖରେ ଏକ ଘରବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗାଁର ଗୋଟିଏ ପରିବାରର ୪ଜଣ ମୂଳ ସତ୍ୟସନାତନ ହିନ୍ଦୁଧର୍ମକୁ ସ୍ୱଇଛାରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିଛି ଲୋକଙ୍କ ସଂସ୍ପର୍ଶରେ ଆସି ପ୍ରାୟ ଦୁଇ ବର୍ଷ ପୂର୍ବରୁ ଅନ୍ୟ ଧର୍ମରେ ଦୀକ୍ଷିତ ହୋଇଥିଲେ। ଗୃହକର୍ତ୍ତା ରାସାଇ ହୋ



(୫୫), ପତ୍ନୀ ନିତିମା ହୋ (୪୫) ଝିଅ ସୁରୁ ହୋ (୧୯) ଓ ପୁଅ ସିଦ୍ଧେଶ୍ୱର ହୋ (୧୬) ଅନ୍ୟ ଧର୍ମ ପରିତ୍ୟାଗ କରି ବିଧିମତେ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି।

## ସାଂସଦଙ୍କ ମନମାନୀ ପାଇଁ ଧୂଳିସାତ୍ ହେଲା ଗଲାପୋଲ ନିର୍ମାଣ ସ୍ୱପ୍ନ

# ୪ ବର୍ଷ ହେଲା ଅଧାରେ ରହିଛି ବିପଦପୂର୍ଣ୍ଣ ରାସ୍ତା





**ଜୀବିକା ହରାଇଲେ ଶତାଧିକ ଦୋକାନୀ**

**ବିଶୋଇ, ୨୩।୪ (ସମିସ)**

ମୟୂରଭଞ୍ଜ ଜିଲ୍ଲା ବିଶୋଇ ଦେଇଯାଇଥିବା ୪୯ ନଂ. ଜାତୀୟ ରାଜପଥରେ ଗୋଲାପୋଲ ନିର୍ମାଣ ଏବେ ସ୍ୱପ୍ନ ହୋଇଛି। ଗୋଲାପୋଲ ତ ଦୂରର କଥା ସାଂସଦ ବିଶେଶ୍ୱର ଟୁଡୁଙ୍କ ଏକଛତ୍ରବାଦୀ ଶାସନ ପାଇଁ ଏହି ରାସ୍ତା ଗତ ୪ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଲୋକେ ବିପଦସଂକୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି। ସୂଚନା ଅନୁସାରେ, ବହଳାଗୋଡା ଠାରୁ ସିଙ୍ଗଡ଼ା ପର୍ଯ୍ୟନ୍ତ ଥିବା ୪୯ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ବହୁ ବର୍ଷ ପୂର୍ବରୁ ଜମି ଅଧିଗ୍ରହଣ ଶେଷ ହୋଇ ୨୦୧୯ରେ କାମ ଆରମ୍ଭ ହୋଇଥିଲା। ତେବେ ଏହି ଜାତୀୟ ରାଜପଥସ୍ଥିତ ବିଶୋଇ ବ୍ଲକ ଛକରେ ରାସ୍ତା ସମ୍ପ୍ରସାରଣ ସହିତ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲୁଥିଲା। ବିଶୋଇ ବ୍ଲକ ଛକରେ ଏକାଧିକ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟ ରହିଥିବା ଯୋଗୁ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ସ୍ଥାନୀୟବାସିନ୍ଦା ଦାବି କରିଥିଲେ। ପରବର୍ତ୍ତୀ ସମୟରେ ସାଂସଦ ଇଂ. ଟୁଡୁ, ବିଧାୟକ ଡାକ୍ତର ବୁଢ଼ାନ ମୁର୍ମୁଙ୍କ ଉପସ୍ଥିତିରେ ସ୍ଥାନୀୟ ନେତୃବୃନ୍ଦ ଓ ବିଶୋଇ ଅଞ୍ଚଳବାସୀ ଏଠାରେ ଏକ ଗୋଲାପୋଲ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ସାଂସଦ ବିଶୋଇଠାରେ ୩ ମିଟର ଉଚ୍ଚତା ବିଶିଷ୍ଟ ଏକ ପିୟୁପି (ପାସେଞ୍ଜର ଅଣ୍ଡର ପାସ) ନିର୍ମାଣ ପାଇଁ କେନ୍ଦ୍ର ସରକାର ସହିତ ଆଲୋଚନା କରିଥିଲେ; ମାତ୍ର କମ ଉଚ୍ଚତା ବିଶିଷ୍ଟ ପିୟୁପ ନିର୍ମାଣ ହେବା ଦ୍ୱାରା ଆମ୍ବୁଲାନ୍ସ, ଦମକଳ ବାହିନୀ ଓ ବସ୍ ଆଦି ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ପ୍ରତିବାଦରେ ରାସ୍ତା କଡର ଦୋକାନୀ ମାନେ ବିରୋଧ କରିବା ସହିତ ପିୟୁପି ପରିବର୍ତ୍ତେ ଭିୟୁପି (ଭେଇକିଲ ଅଣ୍ଡର ପାସ) ନିର୍ମାଣ ଓ ଥଇଥାନ ପାଇଁ ଦାବି କରି ଆମରଣ ଅନଶନ କରିଥିଲେ। ତେବେ ସାଂସଦଙ୍କ ସମର୍ଥକଙ୍କ ଛତ୍ରଛାୟା ତଳେ ରହି କେତେକ ଯୁବଗୋଷ୍ଠୀ ପିୟୁପି ନିର୍ମାଣ ପାଇଁ ସେତେବେଳେ ଜିଦ ଧରିଥିଲେ। ଏପରିକି ଦୁଇ ଗୋଷ୍ଠୀ ମଧ୍ୟରେ ବହୁବାର ତୁ..ତୁ..ମେ..ମେ..ଦେଖିବାକୁ ମିଳିଥିଲା। ଏହି ସମସ୍ୟାର ସମାଧାନ ପାଇଁ ୨ ଗୋଷ୍ଠୀଙ୍କୁ ନେଇ ସ୍ଥାନୀୟ ନେତୃମଣ୍ଡଳୀ ଓ ପ୍ରଶାସନଙ୍କ ଉପସ୍ଥିତିରେ ବହୁବାର ବୈଠକ ବସିଥିଲା। ଯେତେ ଯାଏଁ ଭିୟୁପି ନିର୍ମାଣ ପାଇଁ ମଞ୍ଜୁର ନ ମିଳିଛି ସେ ଯାଏ ଦୋକାନ ବଜାର ଉଚ୍ଛେଦ ବନ୍ଦ ରଖିବା ପାଇଁ ବୈଠକରେ ସ୍ଥିର ହୋଇଥିଲା; ମାତ୍ର ଏହାକୁ ବେଖାତିର କରି ସାଂସଦଙ୍କ ଜିଦକୁ ଆଗରେ ରଖି ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଗତ୨୦୨୧ ଫେବୃଆରୀ ୧୨ ତାରିଖରେ ୨ ଘଣ୍ଟା ମଧ୍ୟରେ ଦୋକାନ ଓ ବାସଗୃହ ଖାଲି କରିବା ପାଇଁ ତହସିଲ ପକ୍ଷରୁ ହଠାତ ସୂଚନା ଦିଆଗଲା। ପୁଲିସ ଉପସ୍ଥିତିରେ ଦୋକାନ ବଜାର ଜବରଦଖଲ ଉଚ୍ଛେଦ ହେଲା। ଫଳରେ ଶତାଧିକ ପରିବାର ନିଜର ଜୀବିକା ହରାଇଥିଲେ। ଜବରଦଖଲର ଉଚ୍ଛେଦର ୩ ଦିନ ପରେ ସାଂସଦଙ୍କ ଦ୍ୱାରା ବିଶୋଇ ବ୍ଲକ ଛକ ନିକଟ ବିଶୋଇ ବଜାର ଓ ବାଇପାସ ରାସ୍ତାର ମିଳନସ୍ଥଳରେ ଫୁଟ ଅଭରବ୍ରିଜ ପାଇଁ ଭୂମିପୂଜନ କରାଗଲା। ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଫୁଟ ଓଭରବ୍ରିଜ ନିର୍ମାଣ କରାଯାଇଛି ଏବଂ ଖୁବଶୀଘ୍ର ଗୋଲାପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସାଂସଦ କହିଥିଲେ। ହେଲେ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଗୋଲାପୋଲର ନାଁ ଗନ୍ଧ ନାହିଁ। ସାଂସଦ କେବଳ ନିଜ ନାଁ ନେବାପାଇଁ ବିଶୋଇ ବ୍ଲକଛକରେ ଗୋଲାପୋଲ ନିମନ୍ତେ ଭୂମି ପୂଜନ କରିଥିଲେ। ଏହାକୁ ନେଇ ପୁଣି ବିରୋଧ ହେବାସହିତ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ତେବେ ନିର୍ବାଚନ ପୂର୍ବରୁ ଜନଅସନ୍ତୋଷ ଦେଖି ପିୟୁପି ନିର୍ମାଣ ନିଷ୍ପତ୍ତିକୁ ରାତାରାତି ପରିବର୍ତ୍ତନ କରାଯାଇ ଲୋକଙ୍କୁ ଖୁସି କରିବା ପାଇଁ ଭିୟୁପି ନିର୍ମାଣ ପାଇଁ ତରବରିଆ ନିଷ୍ପତ୍ତି ବିଜେପି ପକ୍ଷରୁ ଜାରି ହୋଇଥିଲା। ବିନା ସୂଚନାରେ ଗତ ଫେବୃଆରୀ ମାସରେ ସାଂସଦ ବିଶୋଇ ବ୍ଲକ ଛକରେ ଗୋଲାପୋଲ ନିର୍ମାଣ ପାଇଁ ଭୂମିପୂଜା କରିବାକୁ ପହଞ୍ଚିଥିଲେ; ମାତ୍ର ବିନା ଟେଣ୍ଡର ଓ ଡିପିଆରରେ କିପରି ଭିୟୁପି ଭୂମି ପୂଜନ ହୋଉଛି ବୋଲି ଲୋକେ ବିରୋଧ କରି ବିଜେପି କର୍ମୀଙ୍କୁ ଘେରିଥିଲେ। କେବଳ ବିଶୋଇ ନୁହେଁ ଝାରପୋଖରିଆ ଅଧାପନ୍ତରିଆ ଫ୍ଲାଏ ଓଭରବ୍ରିଜ, ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ ନେଇ ସାଂସଦ ଇଂ ଟୁଡୁ ୫ ବର୍ଷ ଧରି ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ସବୁକିଛି ଦେଖି ବିଧାୟକ ଡାକ୍ତର ମୁର୍ମୁ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ। ସାଂସଦଙ୍କ ଏଭଳି ମନୋମୁଖି କାମକୁ ନେଇ ଲୋକେ ନାପସନ୍ଦ କରିଛନ୍ତି। ଚଳିତ ନିର୍ବାଚନରେ ସାଂସଦଙ୍କ ୫ ବର୍ଷର କାର୍ଯ୍ୟଶୈଳୀକୁ ଦେଖି ଆଗାମୀ ନିର୍ବାଚନରେ ଅଞ୍ଚଳ ବାସିନ୍ଦା ଉଚିତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି।

# ୧୬ ବର୍ଷ ପରେ ଘରକୁ ଫେରିଲେ ଶ୍ରୀଧର

## ପୁଲିସକୁ ହସ୍ତାନ୍ତର କଲେ ହରିୟାଣା ଯୁବକ



ବେଲବାହାଳି,୨୩।୪(ସମିସ)

ମାନସିକସ୍ଥିତି ହରାଇଥିବା ଜଣେ ବ୍ୟକ୍ତି ଦୀର୍ଘ ୧୬ ବର୍ଷ ପରେ ହରିୟାଣାର ଯୁବକ ଅଜବ ସିଂଙ୍କ ସହାୟତାରେ ଘରକୁ ଫେରିଛନ୍ତି। ହରିୟାଣାରେ ଏହି ଯୁବକ ମାନସିକ ରୋଗୀ ଶ୍ରୀଧର ଦାସଙ୍କୁ ଉଦ୍ଧାର କରି ହେପାଜତରେ ରଖିବା ପରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲେ। ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ପରିବାର ଲୋକେ ହରିୟାଣା ଯାଇ ନ ପାରିବାରୁ ଶ୍ରୀଧରଙ୍କୁ ସାଙ୍ଗରେ ଆଣି ଠାକୁରମୁଣ୍ଡା ପୁଲିସକୁ ହସ୍ତାନ୍ତର କରିବା ଏବଂ ପରିବାର ଲୋକେ ଥାନାରୁ ଶ୍ରୀଧରଙ୍କୁ ଘରକୁ ନେଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ଆନନ୍ଦପୁର ବ୍ଲକ ଅଧୀନ ହରିଡାପାଳ ପଞ୍ଚାୟତ ଟୋଲଙ୍ଗପଡ଼ା ଗ୍ରାମର ପୂର୍ଣ୍ଣିମା ଦାସ ନିଜ ସ୍ୱାମୀ ଶ୍ରୀଧର ଦାସଙ୍କୁ ହରିୟାଣାର ଲାହନଡୋଲା ଅଞ୍ଚଳରୁ ଉଦ୍ଧାର କରିବା ପାଇଁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଥିଲେ। ଗତ ୨୦୦୮ ମସିହାରେ ଶ୍ରୀଧର କାମଧନ୍ଦା ଅନ୍ୱେଷଣରେ ଚେନ୍ନାଇ ଯାଇଥିଲେ। ୬ମାସ ପରେ ପରିବାର ସହିତ ଯୋଗସୂତ୍ର ନ ରଖିବା ସହିତ ଦୀର୍ଘ ୫ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ପତା ମିଳି ନ ଥିଲା। ପରେ ସେ ଦିଲ୍ଲୀର ଏକ ଘରୋଇ ଠିକା ସଂସ୍ଥାରେ ଥିବା ଖବର ମିଳିଥିଲା। ହେଲେ ତାଙ୍କୁ ଉଦ୍ଧାର କରିବା ପାଇଁ ପରିବାରବର୍ଗ ସକ୍ଷମ ନଥିବାରୁ ନିରୁପାୟ ହୋଇପଡିଥିଲେ। ଆଜି ଶ୍ରୀଧର ଙ୍କୁ ନିଜ ଘରେ ପହଞ୍ଚାଇଥିବା ହରିୟାଣାର ଏହି ଯୁବକ ଅଜବ ସିଂଙ୍କୁ ଅଞ୍ଚଳବାସୀ ର ପ୍ରଶଂସା କରିବା ସହିତ ତାଙ୍କର ଏହି ମହନୀୟତା ପାଇଁ ସାଧୁବାଦ ଜଣାଇଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବଡ଼ବିଲ,୨୩।୪(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ସେରେଣ୍ଡା ପଞ୍ଚାୟତର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଯୁବତୀଙ୍କୁ ସୁଶାନ୍ତ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିବାପରେ ଓହରି ଯିବାରୁ ପୀଡ଼ିତା ସୋମବାର ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ସୁଶାନ୍ତ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବଡ଼ବିଲ ଥାନାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଅବକାରୀ ଚଢ଼ଉ; ଜଣେ କୋର୍ଟ ଚାଲାଣ



**ଚମ୍ପୁଆ,୨୩।୪(ସମିସ):** ସାଧାରଣ ନିର୍ବାଚନ୨୦୨୪ ପରିପ୍ରେକ୍ଷୀରେ ଅବକାରୀ ବିଭାଗର ଚଢ଼ଉ ଜାରି ରହିଥିଲାବେଳେ ମଙ୍ଗଳବାର ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଅବକାରୀ ଉପ ନିରୀକ୍ଷକ ବିନୋଦ ବାସ୍କେଙ୍କ ନେତୃତ୍ୱରେ ନିସା ଗଡ଼ିଆ, ସିଲି ପୁଞ୍ଜି ତଥା ଚମ୍ପୁଆର ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଏହି ଚଢ଼ଉ ସମୟରେ ନିସା ଗଡ଼ିଆ ଗ୍ରାମର ମଧୁ ପାଲେୟା (୨୬)ଙ୍କ ନିକଟରୁ ୩୦ ଲିଟର ମହୁଲି ମଦ, ବାଇକ୍ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଚି। ଅନ୍ୟମାନଙ୍କ ମଧ୍ୟରେ ଏ. ଏସଆଇ କୃଷ୍ଣ ସୁନ୍ଦର ସେଠୀ, ସିପାହି ଅନନ୍ତ ରାଜ, ରଞ୍ଜନ ବିଶୋଇ ଓ ସଂଗୀତା ନାୟକ ଉପସ୍ଥିତ ଥିଲେ।

# କଣ୍ଟେନର ଜବତ, ୪୯ ଗୋରୁ ଉଦ୍ଧାର



**ତେଲକୋଇ,୨୩।୪(ସମିସ):** ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ବାହାରାଦେବତା ଛକ ନିକଟରେ ତେଲକୋଇ ପୁଲିସ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିବା ସହିତ ଗାଡିରୁ ୪୯ଟି ଗୋରୁ ଉଦ୍ଧାର କରିଛି। ସୋମବାର ରାତିରେ ତେଲକୋଇ ଆଇଆଇସି ସରୋଜ କାନ୍ତ ସାମଲଙ୍କ ନେତୃତ୍ୱରେ ପୁଲିସ ଟିମ୍ ଜାତୀୟ ରାଜପଥ ଓ ଆଖ ପାଖ ଅଞ୍ଚଳରେ ପାଟ୍ରୋଲିଂରେ ଯାଇଥିବା ବେଳେ ଏକ କଣ୍ଟେନର ବେଆଇନ ଗୋ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ପୁଲିସ ୪୯ ନମ୍ବର ଜାତୀୟ ରାଜପଥର ବାହାରାଦେବତା ଛକ ନିକଟରେ ଯାନ ବାହାନ ଯାଞ୍ଚ ଆରମ୍ଭ କରିଥିଲା। ସେହି ସମୟରେ ଉକ୍ତ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଜବତ ଗାଡ଼ିକୁ ଥାନାକୁ ଆଣିଥିଲେ। ଉଦ୍ଧାର ଗୋରୁ ଗୁଡ଼ିକୁ ଗୋଶାଳାରେ ଛଡ଼ା ଯିବ ବୋଲି ପୁଲିସ ସୂଚନା ଦେଇଛି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ତେଲକୋଇ,୨୩।୪(ସମିସ):** ତେଲକୋଇ ଥାନା ଆକୁଳ ପଞ୍ଚାୟତ ବନ ବିହାରୀପୁର ନୂଆଗାଁ ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୁରୁ ନାୟକ(୭୫)। ମଙ୍ଗଳବାର ପୂର୍ବାହ୍ନରେ ଟାଙ୍ଗୁରୁ ଘରପାଖ ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ଚାରିଆଡ଼େ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ପତ୍ତା ପାଇ ନ ଥିଲେ। ମଧ୍ୟାହ୍ନରେ ସ୍ଥାନୀୟ କିଛି ଯୁବକ ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ପାଣି ଭିତରୁ ବୃଦ୍ଧଙ୍କୁ ବାହାର କରିଥିଲେ। ତୁରନ୍ତ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଲକୋଇ ପୁଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିଛି।

# ୬ନଂ ୱାର୍ଡରେ ଖୋଲିଲା ଜଳଛତ୍ର କେନ୍ଦ୍ର



**ଆନନ୍ଦପୁର,୨୩।୪(ସମିସ):** ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୬ନଂ ୱାର୍ଡ ପକ୍ଷରୁ ବଡଦାଣ୍ଡଠାରେ ଏକ ଜଳଛତ୍ର କେନ୍ଦ୍ର ଆରମ୍ଭ ହୋଇଛି। ସ୍ଥାନୀୟ ଯୁବ ଗୋଷ୍ଠୀ ଓ ସମାଜସେବୀ ସତ୍ୟବ୍ରତ ରାମଙ୍କ ତତ୍ତ୍ୱାବଧାନରେ କାଉନସିଲର ମଣିଲତା ରାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜଳଛତ୍ର କେନ୍ଦ୍ରରେ ଉପସ୍ଥିତ ଥିବା ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପୌରପାଳିକାର ପରିମଳ ଅଧିକାରୀ ଭାଗୀରଥି ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରବିନାରାୟଣ ହୋତା, ରମାକାନ୍ତ ମିଶ୍ର, ବିନୋଦ ବିହାରୀ ପଣ୍ଡା, ବାବୁ ମିଶ୍ର, କୁକୁଲି ପଣ୍ଡା, ତୋଫାନ ବାରିକ, ବାମନ ତ୍ରିପାଠୀ, ମନୋଜ ଦାସ, ସଞ୍ଜୟ ସିଂ, ଲିଟୁ ମିଶ୍ର, କୁନି ମିଶ୍ର, କାହ୍ନା ମିଶ୍ର, ତ୍ରିଲୋଚନ ମିଶ୍ର, କିଶୋର କୁମାର ମିଶ୍ର, ଅଜୟ ହୋତା, ପଦ୍ମ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଦଧିବାମନଙ୍କ ଦୟଣା ଚୋରି ନୀତି



**ଆନନ୍ଦପୁର,୨୩।୪(ସମିସ):** ଆନନ୍ଦପୁରର ଆରଧ୍ୟ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ଦୟଣା ଚୋରି ନୀତି ସମ୍ପନ୍ନ ହୋଇଛି। ଚୈତ୍ରମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଆନନ୍ଦପୁରର ଆରାଧ୍ୟ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ଦୟଣାଚୋରି ଯାତ ପାଳନ କରାଯାଇଥାଏ। ସୋମବାର ରାତିରେ ମହାପ୍ରଭୁ ଦଧିବାମନଙ୍କ ଚଳନ୍ତି ପ୍ରତିମା ମଦନମୋହନ ପ୍ରଭୁଙ୍କ ସହିତ ଶ୍ରୀଦେବୀ, ଭୂଦେବୀ ଏକ ସ୍ୱତନ୍ତ୍ର ବିମାନରେ ସନ୍ଧ୍ୟାଧୂପ ପରେ ବାହାରି ବଡ଼ଦାଣ୍ଡରେ ବିଜେ କରନ୍ତି। ବିନା ଘଣ୍ଟ କାହାଳିରେ ପ୍ରଭୁଙ୍କର ବିଜେପରେ ମନ୍ଥର ଗତିରେ ଆସି ତିନିଦାଣ୍ଡ ପୂଜା ପାଇଥିଲେ। ବିଶୋଇ ଘର ଦାଣ୍ଡ, ଲକ୍ଷ୍ମୀନାରାୟଣପୁର ଶାସନ ଷଡ଼ଙ୍ଗୀ ଦାଣ୍ଡ ଏବଂ ପରିଛା ଦାଣ୍ଡ ସେବାନୀତି ପରେ ଦୟଣା ବାଡି ଗାଦିଗୋସେଇଁ ପୀଠ (ମଠବାଡି) ରେ ପହଞ୍ଚିଥିଲେ। ଦୟଣାବାଡିର ରକ୍ଷକ କନ୍ଦର୍ପର ଦମନ କରି ଦୟଣା ଚୋରୀ କରିଥିଲେ। ତୁଳସୀ ଜଟା ପରି ଦୟଣା ଚୁଳ ମହାପ୍ରଭୁଙ୍କର ଅତି ପ୍ରିୟ ଅଟେ। ତାର ସୁଗନ୍ଧ ମହାପ୍ରଭୁଙ୍କୁ ବିମୋହିତ କରିଥାଏ। ନିଜର ପ୍ରିୟତମା ପତ୍ନୀ ସତ୍ୟଭାମାଙ୍କର ଦୟଣା ଚୁଳ ମଧ୍ୟ ପ୍ରିୟ। ତେଣୁ ନିଜ ପ୍ରିୟତମାଙ୍କ ପାଇଁ ଦୟଣାଚୁଳ ଚୋରି କରି ମନ୍ଦିରକୁ ଫେରିଥିଲେ। ଏହି ପାରମ୍ପାରିକ ରିତୀନୀତିକୁ ମନ୍ଦିରର ପୂଜକ ବାବୁଲି ଦାଶ, ଶଙ୍କର୍ଷଣ ମିଶ୍ର, ରବି ଦାଶ, ଲକ୍ଷ୍ମଣ ପାଢ଼ୀ ସମ୍ପନ୍ନ କରିଥିବାବେଳେ ଅଜୟ ମହାପାତ୍ର, ପରିଚାଳକ ସୁରେନ୍ଦ୍ର ମିଶ୍ର, ପରିଛା ସୁଦର୍ଶନ ମିଶ୍ର, ସହଯୋଗୀ ପଦ୍ମନାଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତଙ୍କ ଖେଳାଇଛି ଦନ୍ତା; ୩ ଦିନରେ ଭାଙ୍ଗିଲା ୯ ଘର

# ଝିଅ ବାହାଘର ପାଇଁ ରଖାଯାଇଥିବା ଡାଲି ଚାଉଳ ଖାଇଲା ହାତୀ



**ତୁରୁମୁଙ୍ଗା,୨୩।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୩ ଦିନ ଧରି ଏକ ଗୋଠଛଡ଼ା ଦନ୍ତା ଆତଙ୍କ ଖେଳାଇ ୯ ରୁ ଉଦ୍ଧ୍ୱର୍ ଘର ଭାଙ୍ଗି ଘରଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ବିଳମ୍ବିତ ରାତିରେ ଏହି ଦନ୍ତା ଗାଁ ଭିତରେ ପଶି ଆତଙ୍କ ଖେଳାଇ ଗଣ୍ଡବେଡା, ସିଲିପଦା ନୂଆପଡା ଏବଂ ଜଗନ୍ନାଥପୁର ଗ୍ରାମରେ ୫ ଘର ଭାଙ୍ଗି ଚୁରମାର କରିଦେଇଥିବା ବେଳେ ମାଧପୁର ଗ୍ରାମର ସୁହାଗ ନାଏକଙ୍କ ଆସନ୍ତା ୧୧ ତାରିଖ ରେ ହେବାକୁ ଥିବା ଝିଅ ବାହାଘର ପାଇଁ ରଖା ଯାଇଥିବା ଦୁଇ କ୍ୱିଣ୍ଟାଲ ଚାଉଳ ସହ ଡାଲି ଖାଇ ନଷ୍ଟ କରିଦେଇଛି ଦନ୍ତା। ଏବେ କିପରି ସେ ଝିଅ ବାହାଘର କରିବେ ସେ ଚିନ୍ତାରେ ରହିଛନ୍ତି। ବ ନ ବି ଭ । ଗ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଥିବା ବେଳେ ଦନ୍ତା ଆତଙ୍କରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି।

# ଗୋବରଗଳିରେ ଶ୍ରୀରାମ ନବମୀ ପାଳିତ



**ରାମଚନ୍ଦ୍ରପୁର,୨୩।୪(ସମିସ):** ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଗୋବରଗଳି ଗ୍ରାମରେ ୪୦ ତମ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ମାତା ସୀତାଙ୍କର ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ପୂଜା ପାଇ ଆସୁଛନ୍ତି। ମୁଖ୍ୟକର୍ତ୍ତା ଭାବେ ଶ୍ରଦ୍ଧାଳୁ ସୁନନ୍ଦ ପରିଡ଼ା ସଂକଳ୍ପରେ ବସିଥିବା ବେଳେ ଆଚାର୍ଯ୍ୟ ଗୋପାଳ ଚନ୍ଦ୍ର ନନ୍ଦ ଓ ଶଙ୍କର୍ଷଣ ଦାଶଙ୍କ ଦ୍ୱାରା ପ୍ରତ୍ୟେକ ଦିନ ପୂଜା କାର୍ଯ୍ୟ ସମ୍ପାଦନ ହୋଇଛି। ପ୍ରତେକ ଦିନି ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସୁନାମ ଅର୍ଜନ କରିଥିବା ଗାୟକ ଚନ୍ଦ୍ରଶେଖର ପାଢ଼ୀ ଓ ଅରୁଣ କୁମାର ଦାଶଙ୍କ ଦ୍ୱାରା ବାଦୀପାଲା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ହୋଇଛି। ଅତିଥି ଭାବେ ଘସିପୁରା ବିଧାୟକ ତଥା ବର୍ତ୍ତମାନର ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ପ୍ରଭୁଶ୍ରୀରାମଙ୍କ ଆଶିଷ ଲାଭ କରିଥିଲେ। କମିଟି ସଦସ୍ୟ ଆରତ ପରିଡା, କୈଳାସ ପରିଡା, ଟଙ୍କଧର ପରିଡା, ଗୋପୀନାଥ ପରିଡ଼ା, ମନୋରଞ୍ଜନ ପରିଡା, ପ୍ରଶାନ୍ତ ପରିଡ଼ା, ଦେବାଶିଷ ଖୁଣ୍ଟିଆ, ବିକାଶ ରାଉତ, ଶ୍ୟାମସୁନ୍ଦର ପରିଡ଼ା, ବାସୁଦେବ ପରିଡ଼ା, ମାନସ ପରିଡ଼ା, ତପନ ପରିଡ଼ା, ସଞ୍ଜୀବ ପରିଡ଼ା, କୈଳାସ ଖୁଣ୍ଟିଆ, ସୁବାସ ଖୁଣ୍ଟିଆ, ନାରାୟଣ ଖୁଣ୍ଟିଆ, ଦିପେନ୍ଦ୍ର ପରିଡ଼ା, ଚଗୁଲୁ ଖୁଣ୍ଟିଆ, ହରିଆ ପରିଡ଼ା, ବିନୋଦ ପରିଡ଼ା, ନୀଳମାଧବ ପରିଡ଼ା, ଗଗନ କୁଅଁର, ଅଭିଷେକ ଖୁଣ୍ଟିଆ, ଜିତେନ୍ଦ୍ର ଖୁଣ୍ଟିଆ, ବୁଲୁ ସାହୁ ଓ ପଞ୍ଚାନନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# କାଜୁ ବଗିଚାରେ ଭାଲୁ



**ରାମଚନ୍ଦ୍ରପୁର,୨୩।୪(ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ପୁରୁଣାବାନ୍ଧଗୋଡା ଧନେଇ ପୀଠ ନିକଟରେ ଥିବା କାଜୁ ବଗିଚାରେ ଅବାଧରେ ଦିନ ଦ୍ୱିପ୍ରହରରେ ମା'ଛୁଆ ତିନୋଟି ଭାଲୁ ବୁଲୁଥିବା ନଜରକୁ ଆସିଛି। ଭାଲୁକୁ ଦେଖି ଲୋକେ ଭୟଭୀତ ହେବା ସହ ସେହି ରାସ୍ତା ଦେଇ ଯିବା ଆସିବା କରିବାକୁ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ଏଭଳି ଆଗରୁ ଅନେକ ଥର ଭାଲୁ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ରାସ୍ତା ପାର ହୋଇ କାଜୁ ବଗିଚାରେ ପଶି କାଜୁ ଖାଉଥିବା ଦେଖିବାକୁ ମିଳିଛି।

# ଆନନ୍ଦପୁର ପୁଲିସ ପକ୍ଷରୁ ଜେଲ୍ ରୋଡ୍‌ରେ ଯାଞ୍ଚ



**ଆନନ୍ଦପୁର,୨୩।୪(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୁଲିସ ପକ୍ଷରୁ ଆନନ୍ଦପୁର ଠାକୁରମୁଣ୍ଡା ରାସ୍ତାର ଆନନ୍ଦପୁର ଜେଲ୍ ନିକଟରେ କଡାକଡି ହୋଇଛି ଗାଡି ଚେକିଂ। ରାଜ୍ୟ ରାଜପଥରେ ଫ୍ଲାଇଂସ୍କାର୍ଡ ପକ୍ଷରୁ ମାଜିଷ୍ଟ୍ରେଟ ଭାବେ ରୋହନ ନାୟକ ଓ ପୁଲିସ ପକ୍ଷରୁ ଯାନ ବାହାନରେ ଅବୈଧ ସାମଗ୍ରୀ ପରିବହନକୁ କଡାକଡ଼ି ଭାବେ ଯାଞ୍ଚ କରାଯାଇଛି। ଦୁଇ ଚକିଆ ଓ ଚାରି ଚକିଆ ଯାନରେ ବନ୍ଧୁକ, ଚୋରା ବିଦେଶୀ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ଚାଲାଣ ଉପରେ କଡା କଡ଼ି ଯାଞ୍ଚ କରାଯାଇଛି। ଏହି ଫ୍ଲାଇଙ୍ଗ ସ୍କାର୍ଡ ଓ ଆନନ୍ଦପୁର ପୁଲିସ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଆଗକୁ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ରାସ୍ତା ଦେଇ ଯେପରି ଅବୈଧ ଜିନିଷ ଚାଲାଣ ନ ହେବ ଓ ଅସାମାଜିକ ବ୍ୟକ୍ତି ମାନେ ଏପରି ସାହସ ନ କରିବେ ସେହି ଲକ୍ଷ୍ୟନେଇ ଯାଞ୍ଚ ପ୍ରକ୍ରିୟା ହେଉଥିବା ଜଣାପଡିଛି। ଏଥିରେ ଆନନ୍ଦପୁର ଥାନା ଏଏସଆଇ ଅଜିତ କୁମାର ବାନାରା, ଏସ୍ଆଇ ଜନ୍ ପଟ୍ଟନାୟକ ଓ ପୁଲିସ କର୍ମଚାରୀ ସାମିଲ ଥିଲେ।

# ସାଇ ସଂଗଠନ ପକ୍ଷରୁ ଜଳଦାନ

**ଆନନ୍ଦପୁର,୨୩।୪ (ସମିସ):** ଆନନ୍ଦପୁର ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଚଳିତ ବର୍ଷ ଜଳଦାନ ସେବାକେନ୍ଦ୍ର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆନନ୍ଦପୁର ସମିତିର ସେବାଦଳ ଭାଇମାନଙ୍କ ସହଯୋଗରେ ସେବା ଦଳ ଭାଇ ଭଉଣୀମାନେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଜଳଦାନ ସେବା କାର୍ଯ୍ୟକ୍ରମରେ ଡାକ୍ତର ଶିଶିର କୁମାର ଦାଶ, ଡା. ଜଗନ୍ନାଥ ଦାଶ, ଆନନ୍ଦପୁର ଜିଲା ସଭାପତି ବିଷ୍ଣୁ ଚରଣ ଜେନା, ନିତ୍ୟାନନ୍ଦ ସାମଲ, ଦିଲୀପ କୁମାର ଧଳ, ମାନସ ଜେନା, ନୀଳମଣି ସାହୁ, ରଞ୍ଜନ ସାହୁ, ହାଡିବନ୍ଧୁ ନାୟକ, ଅସିତ କୁମାର ନାୟକ, ବିଜୟ କୁମାର ମିଶ୍ର, ନନ୍ଦ କିଶୋର ପାଲ, ଅଧ୍ୟାପକ ପ୍ରମୋଦ ରାଜ, ବିଜୟ କୁମାର କର, ଗୌରାଙ୍ଗ ଚରଣ ପାତ୍ର, ନନ୍ଦ କିଶୋର ଦଳେଇ, ନନ୍ଦକିଶୋର ପାଗଳ, ରାଜେନ୍ଦ୍ର ସାହୁ, ବଙ୍କିମ ଚନ୍ଦ୍ର ପଟ୍ଟନାୟକ, ଚଞ୍ଚଳ କୁମାର ଗାଙ୍ଗୁଲି, ଦେବେନ୍ଦ୍ର କୁମାର ସ୍ୱାଇଁ, ସତ୍ୟ ରଂଜନ ରାଉତ ପ୍ରମୁଖ ସାମିଲ ହୋଇଥିବା ଜଣାଯାଇଛି।

## ଚମ୍ପୁଆ ଉପ ଡାକଘର

# ଲିଙ୍କ୍ ଫେଲ୍ ଯୋଗୁଁ ନେଣଦେଣ ବନ୍ଦ




ଚମ୍ପୁଆ,୨୩।୪(ସମିସ)

ଚମ୍ପୁଆ ଉପ-ଡାକଘରର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କର୍ମଚାରୀ ଅଭାବ ସାଙ୍ଗକୁ ବାରମ୍ବାର ଲିଙ୍କ୍ ଫେଲ ଯୋଗୁଁ ଉପଭୋକ୍ତା ମାନେ ହିନସ୍ତା ହେଉଥିବାବେଳେ ବିଭାଗୀୟ ଅଧିକାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଆମେ ଜଣାଇଛୁ କହି ଦିନ ଗଡ଼ାଉଛନ୍ତି। ଫଳରେ ଉପଭୋକ୍ତାମାନେ ଦିନକୁ ଦିନ ଏହି ଡାକଘର ଉପରେ ଆସ୍ଥା ହରାଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଚମ୍ପୁଆ ଉପ-ଡାକଘର ଅଧୀନରେ ପ୍ରାୟ ୧୦ଟି ଗ୍ରାମିଣ ଡାକଘର ରହିଛି। ଏହା ସହିତ ଝାଡ଼ଖଣ୍ଡ, ମୟୂରଭଞ୍ଜ ଅଞ୍ଚଳର ଉପଭୋକ୍ତା ମାନେ ମଧ୍ୟ ଏହି ଡାକ ଘର ଉପରେ ନିର୍ଭର କରୁଛନ୍ତି। ବିଶେଷ ଭାବରେ ଅର୍ଥ ନେଣ ଦେଣ, ସ୍ପିଡ୍‌ପୋଷ୍ଟ, ରେଜେଷ୍ଟ୍ରି, ପାର୍ସଲ୍, ପିଏଲ୍ଆଇ, ଆର୍‌ପିଏଲ୍ଆଇ ଆଦି ଅତି ଗୁରୁତ୍ୱ ପୂର୍ଣ୍ଣ ସେବା ଏହି କାଯ୍ୟାଳୟ ଯୋଗାଇ ଥାଏ। ମାତ୍ର ଗତ ଶୁକ୍ରବାର ଦିନ ଠାରୁ ଲିଙ୍କ ଫେଲ ହୋଇଛି ବୋଲି କର୍ମଚାରୀ ମାନେ ଉପଭୋକ୍ତା ମାନଙ୍କୁ ସୂଚନା ଦେଉଥିବା ବେଳେ ଦୂରଦୁରାନ୍ତରୁ ଆସୁଥିବା ଉପଭୋକ୍ତାମାନେ ସେବା ନପାଇ ହିନସ୍ତା ହେଉଛନ୍ତି। ଫଳରେ ଡାକ ସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଜରୁରୀ କାର୍ଯ୍ୟ ଠପ୍ ହୋଇପଡିଛି। ସୂଚନା ଯୋଗ୍ୟ କି ଏହି ଉପଡାକଘରର ସମସ୍ୟା ଏକ ନିତି ଦିନିଆ ଘଟଣା ହୋଇଥିବା ବେଳେ ଏଥିପ୍ରତି ବିଭାଗୀୟ ଉଦାସିନତାକୁ ଉପଭୋକ୍ତାମାନେ ଦାୟୀ କରିଛନ୍ତି। ଏନେଇ ପୋଷ୍ଟ ମାଷ୍ଟର ରତ୍ନାକର ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ ଲିଙ୍କ୍ ଫେଲ ଯୋଗୁଁ ଆମେ ସେବା ଯୋଗଇ ପାରୁ ନାହୁଁ। ଜିଲ୍ଲା କାର୍ଯ୍ୟାଳୟକୁ ଏ ସମ୍ବନ୍ଧରେ ଆମ୍ଭେ ଅବଗତ କରାଇଛୁ, ୨-୩ ଦିନ ମଧ୍ୟରେ ସେବା ପୂର୍ବ ଭଳି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମହିଳାଙ୍କ ନାମରେ ଋଣକରି ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ



ବଡ଼ବିଲ,୨୩।୪(ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭଦ୍ରାସାହି ପଞ୍ଚାୟତ ବିଜୁ ହଟିଂ ଅଞ୍ଚଳର ଶତାଧିକ ମହିଳାଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ଲକ୍ଷଲକ୍ଷ ଟଙ୍କାର ଲୋନ କରି ସ୍ଥାନୀୟ ଅଞ୍ଚଳର ଚାରି ଜଣ ମହିଳା କେଉଁଆଡେ ଚାଲି ଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବିଜୁ ହଟିଂ ଅଞ୍ଚଳର ଯଶୋଦା ଦାସ, ଖୁଲିପାତ୍ର, ହେମଲତା ପାତ୍ର ଓ ରୁନି ପାତ୍ର ସେହି ଅଞ୍ଚଳର ମହିଳାଙ୍କୁ ନେଇ ଏକାଧିକ ମହିଳା ଏସଏଚ୍‌ଜି ଗୋଷ୍ଠୀ ତିଆରି କରି ବନ୍ଧନ ବ୍ୟାଙ୍କ, ଏକ୍ସସ ବ୍ୟାଙ୍କ, ଭାରତ ଫାଇନାନ୍ସ , ଆର୍‌ବିଏଲ ଫାଇନାନ୍ସ, ୟସ ବ୍ୟାଙ୍କ ଭଳି ବିଭିନ୍ନ ବ୍ୟାଙ୍କ ରୁ ପ୍ରତି ମହିଳାମାନଙ୍କ ନାମରେ ୪୦ରୁ୫୦ ହଜାର ଲେଖାଁଏ ଲୋନ କରି ସେମାନଙ୍କୁ ଟଙ୍କା ଦୁଇ ତିନି ହଜାର ଦେଇ ଅବଶିଷ୍ଟ ରାଶି ସେମାନେ ନେଇ କେଉଁଆଡେ ଚାଲି ଯାଇଥିବା ଅଭିଯୋଗ ହୋଇଛି। ଅର୍ଥ ଲଗଣକାରୀ ସଂସ୍ଥାର ଏଜେଣ୍ଟ ମାନେ ଏବେ ବିଜୁ ହଟିଂ ଅଞ୍ଚଳକୁ ଯାଇ ଋଣ କିସ୍ତି ମାଗିବା ସହ ନ ଦେଲେ ବିଭିନ୍ନ ପ୍ରକାରର ଧମକ ଚମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ବାବଦରେ ମଧ୍ୟସ୍ଥି ସାଜିଥିବା ମହିଳା ରୁନି ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆମେ କାମକରି ବ୍ୟାଙ୍କ ଋଣ ସୁଝିବାକୁ ହାଇଦ୍ରାବାଦ ପଳେଇ ଆସିଛୁ। ଦରମା ପାଇଲେ ଧୀରେଧୀରେ ସବୁ ଋଣ ଟଙ୍କା ସୁଝି ଦବୁ, ତେବେ ଏଠାରେ ପ୍ରକାଶ ଥାଉ କି ଋଣ ଦେଉଥିବା ସଂସ୍ଥାମାନେ କେଉଁ ଗ୍ରାହକ ମାନଙ୍କୁ କେତେ ଋଣ ଦେଲେ ଓ ତାଙ୍କର ପାସ୍‌ବୁକ ସେମାନଙ୍କୁ ନ ଦେଇ ମଧ୍ୟସ୍ଥି ମାନଙ୍କୁ ଦେଇ ଦେଉଥିବାରୁ ସେମାନଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଟାଣି ନେଉଛି। ବର୍ତ୍ତମାନ ସୁଦ୍ଧା ସେମାନେ କୌଣସି ଅଧିକାରୀଙ୍କ ପାଖରେ ଏ ବାବଦରେ ଲିଖିତ ଅଭିଯୋଗ କରି ନ ଥିବାବେଳେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

### ବାଘୁଆପାଳ-ଭଞ୍ଜବାଟୀ ଆଡିବନ୍ଧ ପଥର ପ୍ୟାକିଂ ଓ ସ୍ପର ନିର୍ମାଣରେ ଅନିୟମିତତା

# ଅଧାରୁ କାମ ଛାଡ଼ି ଠିକାଦର ଛୁ'; ସ୍ଥାୟିତ୍ୱ ନେଇ ପ୍ରଶ୍ନ

ବଡସାହି, ୨୩।୪(ସମିସ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଶିଆଳୀଘାଟୀ ପଞ୍ଚାୟତର ବାଘୁଆପାଳ ଓ ଭଞ୍ଜବାଟୀ ଗାଁ ବୁଢ଼ାବଳଙ୍ଗ ନଦୀକୂଳରେ ରହିଛି। ପ୍ରତିବର୍ଷ ବନ୍ୟାରେ ଦୁଇଟିଯାକ ଗାଁଟି ପ୍ରଭାବିତ ହେଉଥିବା ବେଳେ ନଦୀକୂଳ ଖାଉଥିବାରୁ ବର୍ଷାଦିନ ଆସିଲେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଏ। ଗ୍ରାମର ଉତ୍ତର ପାର୍ଶ୍ୱରେ ବୁଢାବଳଙ୍ଗ ନଦୀ ସାଙ୍ଗକୁ ଓ ପୂର୍ବପାଖରେ ଥିବା ନାଳ ପାଇଁ ବର୍ଷା ଦିନର ଉଦବୃତ୍ତ ବନ୍ୟାଜଳ ପ୍ରବାହିତ ପାଇଁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ। ଜଳବନ୍ଦୀ ପାଇଁ ଗାଁକୁ କୌଣସି ସରକାରୀ ଗାଡି ଆସି ପାରୁ ନ ଥିବା ବେଳେ ଜରୁରୀ କାଳୀନ ସେବା ଠପ୍ ହୋଇଯାଏ। ଏପରିକି ବନ୍ୟା ସମୟରେ ସମସ୍ତେ ଘରଦ୍ୱାର ଛାଡି ଗୃହପାଳିତ ପଶୁଙ୍କୁ ନେଇ ନିରାପଦ ସ୍ଥାନକୁ ପଳାଇ ଯାଆନ୍ତି। ବାରମ୍ବାର ଦାବି ପରେ ୪ ବର୍ଷ ତଳେ ଜଳସେଚନ ବିଭାଗ ପକ୍ଷରୁ ୯ କୋଟି ୨୭ଲକ୍ଷ ୧୧ହଜାର ୬୦୭ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏହି ଟଙ୍କାରେ ନଦୀବନ୍ଧ ୧୫ ଶହ ମିଟର ପଥର ପ୍ୟାକିଂ, ଆଡିବନ୍ଧ, ୬ଟି ଲୋ ଲେବୁଲ ସ୍ପର ନିର୍ମାଣ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ଟେଣ୍ଡର ଏକବର୍ଷ ବିଳମ୍ବରେ କାମ ଆରମ୍ଭ ହୋଇଥିବା ବେଳେ ୪ବର୍ଷର୍ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ଅଧା କାମ କରି କାର୍ଯ୍ୟାଦେଶ ପାଇଥିବା ଠିକାଦାର ସମସ୍ତ ମେସିନ ଓ ସାମଗ୍ରୀ ନେଇ ସ୍ଥାନ ଛାଡି ପଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ଆଡିବନ୍ଧ କେତେକ ସ୍ଥାନରେ ଦବି ଯାଇଥିବା ବେଳେ ତାହାକୁ ମରାମତି କରାଯାଉନାହିଁ। ଆଡିବନ୍ଧ ନିର୍ମାଣ ପାଇଁ ଯେଉଁ ରାସ୍ତା ତିଆରି କରାଯାଇ ଟ୍ରକରେ ଜିନିଷ ପରିବହନ କରାଯାଉଥିଲା ସେସବୁ ସ୍ଥାନରେ ମଧ୍ୟ ଆଡିବନ୍ଧ ନିର୍ମାଣ କରାଯାଇନାହିଁ। ଯେପରି ପାଣି ଭିତରୁ ପଥର ପ୍ୟାକିଂ କରି ଉପରକୁ ଆଡିବନ୍ଧ ବାନ୍ଧିବା କଥା, ତାହା ଠିକ୍ ଭାବେ କରାଯାଇ ନାହିଁ। କେବଳ ଉପରେ ମାଟିକୁ କାଟି ପଥର ପ୍ୟାକିଂ କରାଯାଇଛି। ଫଳରେ



କୋଟି କୋଟି ଟଙ୍କାର ନିର୍ମିତ ଏହି ଆଡିବନ୍ଧର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହାବ୍ୟତୀତ ଆଡିବନ୍ଧ ଓ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଖାଲଗୁଡିକୁ ମଧ୍ୟ ଠିକାଦାର ନ ପୋତିବା ଯୋଗୁଁ ବର୍ଷା ଓ ବନ୍ୟା ସମୟରେ ସେହି ଖାଲରେ ପାଣି ଜମି ତାହା ଆଡିବନ୍ଧକୁ ଦୁର୍ବଳ କରିବାର ସମ୍ଭାବନା ରହିଛି। ତେଣୁ ଭଞ୍ଜବାଟିଠାରୁ ବାଘୁଆପାଳ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଆଡିବନ୍ଧ ସମ୍ପୂର୍ଣ୍ଣ କରିବା ଏବଂ ଭଞ୍ଜବାଟୀ ତଳ ବଗିଚାରୁ ଅଶ୍ୱସ୍ଥ ଛକ ପର୍ଯ୍ୟନ୍ତ ଆଡିବନ୍ଧ ଓ ରାସ୍ତା ମଝିରେ ଥିବା ଖାଲକୁ ସମତୁଲ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ଏ ନେଇ ବାରିପଦା ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକାର୍ଷଣ କରିଥିବା ଗ୍ରାମର ଅକ୍ଷୟ କୁମାର ନାଏକ, ଶିରିଶ ଚନ୍ଦ୍ର ଗିରି, ତ୍ରିଲୋଚନ ଗିରି, ବାଇଲୋଚନ ଗିରି ଓ ବିନୋଦ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ଖରା ପରେ ମୌସୁମୀ ଛୁଇଁବାକୁ ଥିବା ବେଳେ ଏହା ଗ୍ରାମବାସୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବୁଢାବଳଙ୍ଗ ନଦୀ କୂଳରେ ଥିବା ବାଘୁଆପାଳ, ଭଞ୍ଜବାଟି ଓ ପତରାପଦା ଗ୍ରାମବାସୀ ଉପକୃତ ହେବା ସହିତ ବ୍ୟାପକ ଚାଷ ଜମି ସୁରକ୍ଷିତ ହେବ। ଏହି ଗାଁରେ ୧୧୩ଟି ପରିବାର ବସବାସ କରୁଥିବାବେଳେ ସରକାରୀ ରିପୋର୍ଟରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ବନ୍ୟାରେ ପ୍ରଭାବିତ ହୋଇଥାନ୍ତି। ଫଳରେ ପ୍ରତିବର୍ଷ ବନ୍ୟାରେ ବହୁ ଧନଜୀବନ ନଷ୍ଟ ହୋଇଥାଏ। ଅବସରପ୍ରାପ୍ତ ଶିକ୍ଷକ ଶିରୀଶ ଚନ୍ଦ୍ର ଗିରି

### ଗ୍ରାମବାସୀଙ୍କ ମଧ୍ୟରେ କୁହୁଳୁଛି ଅସନ୍ତୋଷ

କୁହନ୍ତି, ଜିଲ୍ଲାର ବଡ଼ନଦୀ ବୁଢାବଳଙ୍ଗ ବିଗତ ୧୦ବର୍ଷ ମଧ୍ୟରେ ପାଖାପାଖି ୫ଶହ ମିଟର କୂଳ ଖାଇସାରିଲାଣି। ନଦୀକୁ ଲାଗି ଥିବା ମୁକ୍ତାପୁର, ନୀଳକଣ୍ଠପୁର ଓ କୁଆପାଳ ପରି ଗ୍ରାମଗୁଡିକ ନଦୀଗର୍ଭରେ ମିଶି ନିଶ୍ଚିହ୍ନ ହୋଇ ସାରିଛି। ଫଳରେ ଗ୍ରାମବାସୀ ଭିଟାମାଟି ଛାଡ଼ି ଅନ୍ୟତ୍ର ବସବାସ କରୁଛନ୍ତି। କୁଆପାଳ ଗ୍ରାମ ଛାଡ଼ି ବର୍ତ୍ତମାନ ଭଞ୍ଜବାଟୀ ଗ୍ରାମରେ ବସବାସ କରୁଥିବା ଜଣେ ବ୍ୟକ୍ତି କହନ୍ତି, ୧୯୭୩ ମସିହା ବନ୍ୟାରେ ଗାଁର ସମସ୍ତ ଘରଦ୍ୱାର ନଦୀରେ ଭାସିଯାଇଥିବା ବେଳେ ଚାଷ ଜମି ଗୁଡିକ ବାଲି ପୋତି ହୋଇଯାଇଛି। ସେବେଠାରୁ ତାଙ୍କ ପରିବାର ଲୋକେ ଭଞ୍ଜବାଟୀ ଗ୍ରାମରେ ରହି ଆସୁଛନ୍ତି। ବାରମ୍ବାର ଦାବି ପରେ ବାଘୁଆପାଳ ଗାଁକୁ ରକ୍ଷା କରିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ କରାଯାଇଥିବା ପଥର ପ୍ୟାକିଂ, ଆଡିବନ୍ଧ ଓ ସ୍ପର ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଛି। ତେଣୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଉଦଳା ନିର୍ବାଚନୀ ଇତିହାସ

# ସଂସଦରେ ପ୍ରତିନିଧିତ୍ୱ କରିଛନ୍ତି ଜଣେ ନେତା

ଉଦଳା, ୨୩।୪(ସମିସ): ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇ ସାରିଲେଣି। ବିକାଶ ଓ ପ୍ରତିଶ୍ରୁତି ଏବେ ସାଧାରଣ ଶବ୍ଦ ଭାବେ ବ୍ୟବହାର ହେଉଛି। ତେବେ ମୟୂରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନମଣ୍ଡଳୀ ସ୍ୱାଧୀନତା ପରେ ବି ମୌଳିକ ଅଧିକାର, ବିକାଶ ଓ ନେତୃତ୍ୱ ତଥା ପ୍ରତିନିଧିତ୍ୱରେ ପଛରେ ରହିଛି। କାରଣ ୧୯୫୭ରୁ ଉଦଳା ନିର୍ବାଚନ ମଣ୍ଡଳୀର ମାନ୍ୟତା ପାଇଆସିଥିବା ଏହି କ୍ଷେତ୍ର ପ୍ରତିନିଧିତ୍ୱରେ ପଛରେ ପଡ଼ିଛି। ଏ ପର୍ଯ୍ୟନ୍ତ ଉଦଳା ନିର୍ବାଚନ ମଣ୍ଡଳୀରୁ ମାତ୍ର ଜଣେ ନେତା ଦିଲ୍ଲୀ ଦରବାରରେ ପ୍ରତିନିଧିତ୍ୱ କରିଛନ୍ତି। ସେ ହେଉଛନ୍ତି ଆଦିବାସୀ ଟାଣୁଆ ନେତା ପୂର୍ବତନ ବିଧାୟକ ତଥା ସାଂସଦ ସ୍ୱର୍ଗତ ମନମୋହନ ଟୁଡୁ; ଯିଏକି ଉଦଳା ବ୍ଲକ ଅଦାପାଳ ଗ୍ରାମର ବାସିନ୍ଦା। ଜଣେ ଟାଣୁଆ ଆଦିବାସୀ ନେତା ଭାବେ ସାରାଦେଶରେ ପରିଚୟ ସୃଷ୍ଟି କରିପାରିଥିଲେ। ସେ ୧୯୫୭, ୧୯୬୧, ୧୯୬୭ ଓ ୧୯୭୧ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୧୯୭୧ ଓ ୧୯୮୦ରେ ଜାତୀୟ କଂଗ୍ରେସ ଓ ଜନକଂଗ୍ରେସରୁ ଲଢି ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ରାଜ୍ୟ ସରକାରଙ୍କ ମନ୍ତ୍ରୀ ହେବା ସହିତ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ସେ ପ୍ରିୟ ହୋଇପାରିଥିଲେ। ଜଣେ ଦକ୍ଷ ତଥା ଲଢୁଆ ଆଦିବାସୀ ନେତା ଭାବେ ତାଙ୍କ ମନ୍ତ୍ରିତ୍ୱ ସମୟରେ ଆଦିବାସୀ ଝିଅଙ୍କ ପାଇଁ କନ୍ୟାଶ୍ରମ ଓ ଅର୍ଥନୈତିକ ବିକାଶ ପାଇଁ



ସ୍ୱର୍ଗତ ମନମୋହନ ଟୁଡୁ

ଟିଡିସିସି ଶୁଭାରମ୍ଭ କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲେ; ମାତ୍ର ତାଙ୍କ ପରେ ଆଜିଯାଏ କେହି ବି ଜଣେ ଦିଲ୍ଲୀ ଦରବାରରେ ପ୍ରତିନିଧିତ୍ୱ କରିପାରିନାହାନ୍ତି। ସେ ଏକମାତ୍ର ନେତା ଯିଏ ୪ଥର ବିଧାୟକ ଓ ଦୁଇ ଥର ସାଂସଦ ହୋଇପାରିଥିଲେ।

## ଭାଗବତ ଜନ୍ମୋତ୍ସବରେ ରକ୍ତଦାନ ଶିବିର



ବୈଶିଙ୍ଗା, ୨୩।୪(ସମିସ): ପୁରୁଣିଆ ପଞ୍ଚାୟତ ଅଧୀନ ବଙ୍ଗାଳିଡାହି ଉପକଣ୍ଠ ନୂଆଗାଁ ଗ୍ରାମରେ ସପ୍ତାହବ୍ୟାପୀ ଚାଲିଥିବା ଭାଗବତ ଜନ୍ମୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ପ୍ରାର୍ଥୀମାନଙ୍କର ଭିଡ ଦେଖିବାକୁ ମିଳିଛି। ନୂଆଗାଁ ଭାଗବତ ଜୀଉ କମିଟିର ସଭାପତି କୃତ୍ତିବାସ ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମର ଷଷ୍ଠଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଅନୁଷ୍ଠିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ୨୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଗ୍ରାମର ମୁଖିଆ ସୃଷ୍ଟିଧର ସାହୁ ଶିବିରକୁ ଉଦଘାଟନ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସେହିପରି ସୋମବାର ଉଦଯାପନୀ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ବିଜେଡିର ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ର, ବିଜେପିର ସାଂସଦ ପ୍ରାର୍ଥୀ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କୁ ଦେଖିବାକୁ ମିଳିଥିଲା। ସମ୍ପାଦକ ନାରାୟଣ ଦଳେଇ, ସୃଷ୍ଟିଧର ବାରିକ, ହେମନ୍ତ ବାରିକ, ସତ୍ୟବ୍ରତ ସିଂହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଧିବକ୍ତା ଦିବସରେ ଆୟୋଜନ ହେବ ରକ୍ତଦାନ ଶିବିର




କରଞ୍ଜିଆ, ୨୩।୪(ସମିସ): ଆସନ୍ତା ଏପ୍ରିଲ୍ ୨୮ କୁ ସାରା ରାଜ୍ୟରେ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ କରଞ୍ଜିଆ ଓକିଲ ସଂଘ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହେବ। ଶିବିରକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଉଦ୍‌ଘାଟନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓକିଲ ସଂଘ ସଭାପତି ବଞ୍ଚନିଧୀ ପୃଷ୍ଟି ସୂଚନା ଦେଇଛନ୍ତି। ଶିବିରରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରିବା ଲକ୍ଷ୍ୟ ରହିଛି। ଏଥିପାଇଁ ଓକିଲ ସଂଘ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ରକ୍ତଦାତାଙ୍କୁ ଅନୁରୋଧ କରାଯିବ। ସାମ୍ବାଦିକ ସମ୍ମିଳନରେ ସାଧାରଣ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ସରୋଜ କୁମାର୍ ରାଉଳ, କାର୍ଯ୍ୟକାରୀ ସଦସ୍ୟ ଏମ.ଡି ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରସେଣା ଧର୍ମପୀଠରେ ନୂତନ ବିଗ୍ରହ ସ୍ଥାପନ



ବଡସାହି, ୨୩।୪(ସମିସ): ଚନ୍ଦ୍ରସେଣା ପୀଠ ଗ୍ରାମଦେବତୀ ଭାବେ ଶତାଧିକ ବର୍ଷରୁ ଉର୍ଦ୍ଧ୍ୱ ହେବ ପୂଜା ପାଇ ଆସୁଥିଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ ତ୍ରେତୟା ଯୁଗରେ ରାମଭକ୍ତ ହନୁମାନଙ୍କ ଏକ ବୈଚିତ୍ରମୟ ଘଟଣାବଳୀର ସମ୍ପୃକ୍ତିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆଜ୍ଞାରେ ସେ ଦ୍ୱାପରରେ ମହାରାଜା କଂସଙ୍କ ଭାଇ ଚନ୍ଦ୍ରସେଣା ମହାରାଜା ରୂପେ ଅବତୀର୍ଣ୍ଣ ହୋଇପୁଣି ଶ୍ରୀରାଧାଙ୍କ ସ୍ୱାମୀ ଭାବେ ବିଦିତ ଥିଲେ। ସେହି ସତ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଦ୍ୱାରା ଚନ୍ଦ୍ରସେଣା ଧର୍ମପୀଠରେ ଗ୍ରାମଦେବତୀଙ୍କ ସହ ଚନ୍ଦ୍ରସେଣା ଓରଫ ହନୁମାନଙ୍କ ନୂତନ ବିଗ୍ରହ ସ୍ଥାପନ ସହିତ ସିମେଣ୍ଟ ନିର୍ମିତ ଦୁଇଟି ଅଶ୍ୱ ସ୍ଥାପିତ ହୋଇ ଦେହୁରୀଙ୍କ ଦ୍ୱାରା ପୂଜାର୍ଚ୍ଚନା ହେଉଛି। ପ୍ରକାଶଥାଉ କି, ବଡସାହି ଭିଟାମାଟିର ଶୈଶବ ଶଯ୍ୟାରେ ଭୂମି ସନ୍ତମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ କର୍ମମୟ ଆଦର୍ଶକୁ ପାଥେୟ କରି ତାଙ୍କ ନାମରେ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଗଠିତ ହୋଇ ପଞ୍ଜିକରଣ ଭୁକ୍ତ ହେବା ସହ ବଡସାହି ଅଞ୍ଚଳର ସାମୂହିକ ସେବା ପାଇଁ ସଂସ୍ଥାନ କାର୍ଯ୍ୟ କରୁଛି। ପୂଜାର୍ଚ୍ଚନା ପରେ ଉପସ୍ଥିତ ଗ୍ରାମବାସୀଙ୍କୁ ଭୋଗ ଅର୍ପଣ କରାଯାଇଥିଲା।

## ବିଶ୍ୱଶାନ୍ତି ଶ୍ରୀହରି-ହର ଯଜ୍ଞ ଓ ସମୂହ ବ୍ରତୋପନୟନ

ମାଣତ୍ରୀ, ୨୩।୪(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ହରି-ହର ପୀଠ ମାଣତ୍ରୀରେ ୨୦୨୪ ମସିହା ସାମ୍ବତ୍ସରିକ ସାର୍ବଜନୀନ ଶ୍ରୀରାମ ନବମୀ ଉତ୍ସବ ଉପଲକ୍ଷେ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ସହ ବିଶ୍ୱଶାନ୍ତି ଶ୍ରୀହରି-ହର ଯଜ୍ଞ ସହିତ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ବ୍ରାହ୍ମଣ ସଭା ଓ ମାଣତ୍ରୀ ଆଞ୍ଚଳିକ ଯଜ୍ଞ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୈତ୍ର ଶୁକ୍ଳ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶ୍ରୀ ରାମ ଚରିତ ମାନସ (ତୁଳସୀ ରାମାୟଣ) ପାରାୟଣ ଏବଂ ପ୍ରବଚନ, ଶ୍ରୀମଦ୍ ଭାଗବତ ଗୀତା, ଶ୍ରୀମଦ୍ ଭାଗବତ ପାଠ ଏବଂ ଆଧ୍ୟାତ୍ମିକ ଆଲୋଚନା ତଥା ହରିନାମ ସଂକୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ଚୈତ୍ର ଶୁକ୍ଳ ଏକାଦଶୀରେ 'ବିଶ୍ୱଶାନ୍ତି ଶ୍ରୀହରି-ହର ଯଜ୍ଞ' ଅନୁଷ୍ଠିତ ହେବା ସାଙ୍ଗକୁ ବିଷ୍ଣୁ ସହସ୍ରନାମ ଓ ତୁଳସୀ ଦଳ ଅର୍ପଣ ସହିତ ବିଷ୍ଣୁପ୍ରତ୍ୟାର୍ଥେ ଯଜ୍ଞରେ ୧୦୦୮ ଆହୁତି ପ୍ରଦାନ ମହାଦେବଙ୍କର ରୁଦ୍ରାଭିଷେକ ସହିତ ମହାରୁଦ୍ରଙ୍କର ୧୦୦୮ ଆହୁତି, ଶ୍ରୀ ଚଣ୍ଡୀ ପାଠ/ପୂଜା ଓ ୨୩ତାରିଖ ମଙ୍ଗଳବାର ଯଜ୍ଞ ପୂର୍ଣ୍ଣାହୂତି ସାଙ୍ଗକୁ ରାମଚରିତ ମାନସ ପାରାୟଣ ସମାପ୍ତି ହୋଇଥିଲା। ପୂର୍ବବର୍ଷ ଭଳି ପୁର୍ଣ୍ଣାହୂତି ଦିନ ବ୍ରହ୍ମଚାରୀଙ୍କ ସମୂହ ବ୍ରତୋପନୟନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେବା ସାଙ୍ଗକୁ ସହସ୍ରାଧିକ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି। ନିଶୁଳ୍କ ବ୍ରତ ପାଇଁ ଆଗ୍ରହୀ ଅଭିଭାବକ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା/ଯଜ୍ଞ କମିଟିର କର୍ମକର୍ତ୍ତାଙ୍କ ସହିତ ଆଗୁଆ ଯୋଗଯୋଗ କରିଥିବା ବେଳେ ସେମାନଙ୍କୁ ସମସ୍ତ ସହଯୋଗ କରାଯାଇଥିଲା। ଏହି ଅବସରରେ ୬ ଜଣ ବ୍ରହ୍ମଚାରୀ ବ୍ରତଧାରଣ କରିଥିଲେ। ଅଞ୍ଚଳବାସୀ ତଥା ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମରେ ପରିଚାଳିତ ହୋଇଆସୁଛି।

# ସରୁବାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରତିଭା ପୁରସ୍କାର

ଶୁକ୍ରୁଳି, ୨୩।୪(ସମିସ): ମଙ୍ଗଳବାର ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ସରୁବାଲି ପ୍ରାଥମିକ ବିଦ୍ୟାଳୟରେ ଗଣିତ କଳିକା ଆନ୍ଦୋଳନ କାର୍ଯ୍ୟକ୍ରମ ତରଫରୁ ଏକ ପ୍ରତିଭା ପୁରସ୍କାର ସଭା ଆୟୋଜନ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଶୁକ୍ରୁଳି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ପାତ୍ର, ମୁଖ୍ୟବକ୍ତା ରୂପେ ଚଟୁରାଞ୍ଜଳି ସରପଞ୍ଚ ବିଜନ ଚାତାର, ସମ୍ମାନିତ ଅତିଥି ରୂପେ ପଣସି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରସ୍ତ ଚନ୍ଦ୍ର ସିଂହ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡିଲା ବିରୁଆ, ପୁରୁଷୋତ୍ତମ ମହାନ୍ତ, ଦୀପକ ପୃଷ୍ଟି, ଇନ୍ଦ୍ରମଣି ଗିରି, ଜୟନ୍ତ ବେହେରା, ସଞ୍ଜୟ ବେହେରା, ଉପେନ୍ଦ୍ର ନାଏକ ତଥା ଆୟୋଜକ ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ପଲେଇ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୪ରେ ଗଣିତ



ବିଷୟରେ ସର୍ବାଧିକ ନମ୍ବର ରଖିଥିବା ପ୍ରତି କ୍ଲଷ୍ଟରରୁ ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଶୁକ୍ରୁଳି କ୍ଲଷ୍ଟରର କ୍ରିଷ୍ଣା ନାଏକ, ସରୁବାଲି ପ୍ରାଥମିକ ବିଦ୍ୟାଳୟ, ଶାଇଶ୍ରଦ୍ଧା ପୃଷ୍ଟି, ପାଣ୍ଡରଶିଳ ପ୍ରାଥମିକ ବିଦ୍ୟାଳୟ, ଶୁଭଶ୍ରୀ ବେହେରା, ସରୁବାଲି ପ୍ରାଥମିକ ବିଦ୍ୟାଳୟ; ଖିଚିଂ କ୍ଲଷ୍ଟରରୁ ଦେବଯାନୀ ମହାନ୍ତ, ଖିଚିଙ୍ଗେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଲ୍ଲବୀ ସି, ପଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରିୟା ସିଙ୍କୁ, ଜାମଦାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅର୍ଜୁନବିଲ୍ଲା କ୍ଲଷ୍ଟରରୁ ରୂପାଲି ବେହେରା, ପ୍ରାଥମିକ ବିଦ୍ୟାଳୟ ଇନ୍ଦୁପୁର, ମୋହିତ ନାଏକ, ପ୍ରାଥମିକ ବିଦ୍ୟାଳୟ ପାଣିଦେଉଳି, ସାଇନା ପ୍ରିୟଦର୍ଶିନୀ ବେହେରା, ପ୍ରାଥମିକ ବିଦ୍ୟାଳୟ ଶିଆଳିଗୋଠାଣି, ହଳଦିଆ କ୍ଲଷ୍ଟରରୁ ଶୁଭମ୍ ନାଏକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଳଦିଆ, ଲିକୁନ ଘଣା, ସିଙ୍ଗଡ଼ା ଉଚ୍ଚ ବିଦ୍ୟାଳୟ, ଲିଟୁନ ନାଏକ, ବାରିଆ ପ୍ରାଥମିକ ବିଦ୍ୟାଳୟ, ଗାଲୁସହି କ୍ଲଷ୍ଟରରୁ ଜଗା ଘଣା, ପ୍ରାଥମିକ ବିଦ୍ୟାଳୟ ଧାନଘର ବେଡା, ସୌମ୍ୟ ତିଉ, ପ୍ରାଥମିକ ବିଦ୍ୟାଳୟ ଗାଲୁସହି, ମିନାକି ତିଉ, ଘାଗି ଆଶ୍ରମ ବିଦ୍ୟାଳୟ, ଯାମୁନ୍ତି କ୍ଲଷ୍ଟରରୁ ରାଜଲକ୍ଷ୍ମୀ ନାଏକ, ଜାମୁନ୍ତି ପ୍ରାଥମିକ ବିଦ୍ୟାଳୟ, ତୋଫାନ ନାଏକ, ଜାମୁନାଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୁଲସନ୍ ମୁଣ୍ଡା, ଘର ମାବେଡା ପ୍ରାଥମିକ ବିଦ୍ୟାଳୟ, ଝାଡ ଘୋଷଦା କ୍ଲୋଷ୍ଟରରୁ ଖୁସି ନାୟକ, ଶରଦ୍ଧା ପ୍ରାଥମିକ ବିଦ୍ୟାଳୟ, ଦିବ୍ୟଜ୍ୟୋତି ନାୟକ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଶରଦ୍ଧା, ଶୁଭଶ୍ରୀ ଭୋଇ, ଟାଙ୍ଗିଆ ଆଶ୍ରମ ବିଦ୍ୟାଳୟ, ଚଟୁରାଞ୍ଜଳି କ୍ଲୋଷ୍ଟରରୁ ତଳଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦର୍ଶନ ନାୟକ, ପ୍ରଜ୍ଞାପ୍ରିୟଦର୍ଶିନୀ ନାୟକ, ଯଶୋବନ୍ତ ନାଏକ, ତେରଣ୍ଟି କ୍ଲଷ୍ଟରରୁ ଗାୟତ୍ରୀ ବାରିକ, ତେରଣ୍ଟି ପ୍ରାଥମିକ ବିଦ୍ୟାଳୟ, ଜସ୍ମିନ ମହାକୁଡ, ତାରକେଶ୍ୱର ପାତ୍ର ନିଶ୍ଚିନ୍ତପୁର ପ୍ରାଥମିକ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ।

## ବିପଦକୁ ଆମନ୍ତ୍ରଣ କରୁଛି ଝୁଲନ୍ତା ବିଦ୍ୟୁତ୍ ତାର

ଖିଚିଂ, ୨୩।୪(ସମିସ): ଶୁକ୍ରୁଳି ବ୍ଲକ ଅନ୍ତର୍ଗତ କେଶନା ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବାଉଁଶ ବୁଦା ରହିଛି। ଅପର ପାର୍ଶ୍ୱରେ ଥିବା ୩ ଫେଜ ବିଜୁଳି ତାର ଉପରେ ବାଉଁଶ ଅତି ବିପଜ୍ଜନକଭାବେ ଲଦି ହୋଇରହିଛି। ଫଳରେ ବିଦ୍ୟୁତ ତାରଟି ପ୍ରାୟ ୪ ଫୁଟ ତଳକୁ ଖସିଆସିଛି। ପବନର ବେଗ ସାମାନ୍ୟ ବୃଦ୍ଧି ପାଇଲେ ତାର ଛିଣ୍ଡି ଧନଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବିପଦ ସଂକୁଳ ଅବସ୍ଥାରେ ଏହି ରାସ୍ତା ଦେଇ ପ୍ରତ୍ୟହ ୪୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସମେତ ଶହ ଶହ ଗାଈଗୋରୁ ଯାତାୟାତ କରୁଛନ୍ତି। ତେଣୁ କେତେବେଳେ ଅଘଟଣ ଘଟିବ କହିହେବ ନାହିଁ। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଲୋକେ ଅତି ବିପଜ୍ଜନକ ଅବସ୍ଥାରେ ଯାତାୟାତ କରୁଛନ୍ତି। ତେଣୁ ଏହି ବାଉଁଶ ଗଛଗୁଡିକ କାଟିବା ଜରୁରୀ ହୋଇ ପଡ଼ିଛି। ବିଦ୍ୟୁତ ବିଭାଗ ଏ କ୍ଷେତ୍ରରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ



କରଞ୍ଜିଆ, ୨୩।୪(ସମିସ): କରଞ୍ଜିଆ ସ୍ଥିତ ରାଜସ୍ୱ ବିଭାଗର ବିଶ୍ରାମଗାର ରୋଷେଇ ଘରେ ଥିବା ଗ୍ୟାସ ଚୁଲାରୁ ନିଆଁ ଲାଗିଯାଇଥିଲା। ପରେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ କରିଥିଲେ। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ବର୍ତ୍ତି ଯାଇଛି। ତେବେ ରୋଷେଇ ଘରେ ଥିବା ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ସେହିପରି କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡଦେଉଳି ଗ୍ରାମର ନିରୁପମା ଦାସ କାଠଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁଁ ନିଆଁ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ ଅଧିକାରୀ ଦୀପକ ଜେନାଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦମକଳ ଗାଡି ପହଞ୍ଚିଲା ବେଳକୁ ନିରୁପମାଙ୍କ ଦୁଇ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ● ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତରେ ଚାଲିଛି ଚୋରା କରତକଳ

# ବନ ବିଭାଗର ଭିଜିଲାନ୍ସ ଶାଖା ନିଷ୍କ୍ରିୟ

ବେତନଟୀ, ୨୩।୪(ସମିସ): ମୟୂରଭଞ୍ଜ-ବାଲେଶ୍ୱର ଜିଲ୍ଲାର ସୀମାନ୍ତରେ ଛତୁ ଫୁଟିଲା ପରି ଚୋରା କରତକଳ ଚାଲିଛି। ଏହି ଦୁଇ ଜିଲ୍ଲାର ବନବିଭାଗ ମଧ୍ୟରେ ସମନ୍ୱୟ ଅଭାବ ପାଇଁ ଦିନକୁଦିନ ଚୋରା କାରବାର ଅଧିକରୁ ଅଧିକ ସଂଗଠିତ ହେବାରେ

### ■ ଦୁଇ ଜିଲ୍ଲାର ବନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ

ଲାଗିଛି। ମୟୂରଭଞ୍ଜ ଜିଲ୍ଲା ସୀମାରୁ ମାତ୍ର ୩/୫କିଲୋମିଟର ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଲକ୍ଷ୍ମଣଖୁଣ୍ଟା, ରୁପ୍ସା ଉପକଣ୍ଠ ବାମଡା, ମହିଷାଶୋଳ ପଞ୍ଚାୟତ ଟିକାୟତପୁର ଉପକଣ୍ଠ ମଧୁପୁରା ସମେତ ଗଣ୍ଡରଦା ପଞ୍ଚାୟତ ଅଧୀନ ପତୁକାଶାସନ ଏବଂ ଦରକୋଇଲି ସମେତ କଣ୍ଟିପୁର ଉପକଣ୍ଠ ନିଜାମପୁର ଅଞ୍ଚଳରେ ଅବାଧରେ ଚୋରା କରତକଳ ଚାଲିଛି। ଏହି କରତକଳକୁ ମୟୂରଭଞ୍ଜର ବିଭିନ୍ନ ରେଞ୍ଜରୁ ବହୁ



ମୂଲ୍ୟବାନ ଗଛ ଚାଲାଣ ହେଉଛି। ଏବେ ମୟୂରଭଞ୍ଜ ଜିଲ୍ଲା ଉପରେ ଆନ୍ତଃଜିଲ୍ଲା କାଠମାଫିଆଙ୍କ ନଜର। ବନବିଭାଗର ଏହି ଭିଜିଲାନ୍ସ ଶାଖା ଚାହିଁଲେ ଆବଶ୍ୟକସ୍ଥଳେ ପର୍ଯ୍ୟାପ୍ତ ବନ୍ଧୁକଧାରୀ ପୁଲିସ ସୁରକ୍ଷାବଳ ମଧ୍ୟ ଯୋଗାଇ ଦିଆଯାଇପାରିବା ମଧ୍ୟ ବ୍ୟବସ୍ଥା ରହିଛି। ଗୋଟିଏ ପଟେ ଉଭୟ ଜିଲ୍ଲାର ବନବିଭାଗ ମଧ୍ୟରେ ସମନ୍ୱୟର ଅଭାବ ସାଙ୍ଗକୁ ବନବିଭାଗର ଭିଜିଲାନ୍ସ ଶାଖାର ନିଷ୍କ୍ରିୟତା ଚୋରା କରତକଳ ପରିଚାଳନାକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଛି। ବାଲେଶ୍ୱରରେ ଛତୁ ଫୁଟିଲା ଭଳି ଚୋରା କରତକଳ ନିଜର କାୟା ବିସ୍ତାର କରିଚାଲିଥିବା ବେଳେ ଏ ନେଇ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଲାଣ ହେଉଛି ଶାଳ, ଶାଗୁଆନ, କଇମ, ଗମ୍ଭାରୀ, ଆକାଶିଆ, ନିମ୍ବ ସମେତବହୁ ମୂଲ୍ୟବାନ କିସମର କାଠ। ଫଳରେ ବାଲେଶ୍ୱର ଜିଲ୍ଲାରେ ପରିଚାଳିତ ଚୋରା କରତକଳ ପାଇଁ ଏବେ ମୟୂରଭଞ୍ଜ ଜିଲ୍ଲାର ମୂଲ୍ୟବାନ ଗଛ ଏବଂ ଜଙ୍ଗଲସମ୍ପଦ ପ୍ରତି ବିପଦ ଦେଖାଦେଇଛି। ଏନେଇ ବାରିପଦା ଡିଏଫଓ ଅମ୍ଳାନ୍ଙ୍କୁରେ ଉମାମହେଶଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ହରଡ଼ବାଡ଼ି କାଦସାହିରେ ଅସହ୍ୟ ହେଲାଣି ଜଳକଷ୍ଟ

# ଝରଣା ପାଣି ପାଇଁ ଚାଲୁଛନ୍ତି ଦୁଇ କିମି

ଆନନ୍ଦପୁର/ବଡ଼ଳା,୨୩।୪(ସମିସ)



ଗ୍ରୀଷ୍ମ ଋତୁର ଆରମ୍ଭରୁ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଅସହ୍ୟ ତାତି ଯୋଗୁ ଲୋକେ ପାଣି ପାଇଁ ଦୂରଦୂରାନ୍ତକୁ ଯାଉଥିବାରୁ ଏହା ସେମାନଙ୍କ ପାଇଁ ବିପଦର କାରଣ ହୋଇଛି। କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅଧୀନ ହଦଗଡ଼ ପଞ୍ଚାୟତ ହରଡ଼ବାଡି ଗ୍ରାମର କାଦସାହି ଅଧିବାସୀ ପାନୀୟଜଳ ପାଇଁ ନାହିଁ ନ ଥିବା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ଅସହ୍ୟ ଖରାରେ ମହିଳାମାନେ ଚାଲି ଚାଲି ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ଜଙ୍ଗଲ ମଧ୍ୟରେ ଏକ ଝରଣାରୁ ପାଣି ସଂଗ୍ରହ କରି ଫେରୁଥିବା ଏବଂ ଅନେକ ସମୟରେ ଅଂଶୁଘାତର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏହି କାଦସାହିରେ ଥିବା ଏକମାତ୍ର ନଳକୂପରୁ ଲୁହାଳିଆ ପାଣି ବାହାରୁଥିବାରୁ ତାହା କେବଳ ଗାଧୋଇବା ଓ ଧୁଆଧୋଇ କାର୍ଯ୍ୟରେ ବ୍ୟବହାର କରୁଥିବା ବେଳେ ପାନୀୟ ଜଳ ପାଇଁ ଲୋକେ କଷ୍ଟ ସହୁଥିବା ଅଭିଯୋଗ କରିଛନ୍ତି। ଅନ୍ୟ କୌଣସି ସୁବିଧା ନଥିବାରୁ ମହିଳାମାନେ ପ୍ରାୟ ଦେଢ଼ କିମି ବାଟ ଚାଲି ଚାଲି ଯାଇ ଜଙ୍ଗଲ ନିକଟରେ ଥିବା ଏକ ଝରଣାରୁ ପାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଏହି ସାହିରେ ଯଥାଶୀଘ୍ର ଦୁଇଟି ନଳକୂପ ଖନନ କରିବାକୁ ଗ୍ରାମବାସୀ ଡବ ମୁର୍ମୁ, ଦୁଖିଆ ମୁର୍ମୁ, ଧନେଇ ମୁର୍ମୁ, ଭାଗୀରଥୀ ମୁର୍ମୁ, ରାମ ମୁର୍ମୁ, ମୋହନ ମୁର୍ମୁ, ରାଜେନ୍ଦ୍ର ଟୁଡୁ, ସନା ଟୁଡୁ, କୋଇଲି ସୋରେନ, ମାଳତୀ ମୁର୍ମୁ, କପୁରା ମୁର୍ମୁ ପ୍ରମୁଖ ଦାବି କରିଛନ୍ତି। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ମାତ୍ରାଧିକ ବ୍ଲିଚିଂ ଯୋଗୁ ପିଇ ହେଉନି ପାଣି

# ଗୋଳିଆ ପାଣିକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ



**ଆନନ୍ଦପୁର,୨୩।୪(ସମିସ):** ସହରାଞ୍ଚଳରେ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ବିଶୁଦ୍ଧ ପାନୀୟ ଜଳ ଅନେକ ସମୟରେ ବ୍ୟବହାର ଅନୁପଯୋଗୀ ହେଉଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାନୀୟ ଜଳକୁ ବିଶୋଧନ କରିବା ପାଇଁ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରୟୋଗ କରାଯାଉଥିବା ବ୍ଲିଚିଂ ଅନେକ ସମୟରେ ମାତ୍ରାଧିକ ହେଉଥିବାରୁ ଏହାକୁ ପିଇ ହେଉନଥିବା ଅଭିଯୋଗ ହୋଇଛି। ସେହିପରି ଏହି ପାଣିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପଦାର୍ଥ ଅରୁଚିକର ଓ କେତେକାଂଶରେ ନଷ୍ଟ ହୋଇଯାଉଥିବାରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଅନେକ ସମୟରେ ପାଇପ୍ ଯୋଗେ ଗୋଳିଆ ପାଣି ଓ କଳାଗୁଣ୍ଡ ମିଶ୍ରିତ ପାଣି ଆସୁଥିବାରୁ ଏହାକୁ ବ୍ୟବହାର କରି ହେଉନଥିବା ସଂଗୀନ ଅଭିଯୋଗ ହୋଇଛି। ଏନେଇ ଆନନ୍ଦପୁର ଓଟକୋ କାର୍ଯ୍ୟାଳୟରେ କେତେକ ଉପଭୋକ୍ତା ଅଭିଯୋଗ କରିଥିଲେ ମଧ୍ୟ କିଛିଦିନ ବ୍ୟବଧାନରେ ପୁଣି ଆଜକୁ ଦୁଇଦିନ ଧରି ଏହି ସମସ୍ୟା ଲାଗି ରହିଛି। ତେବେ ପାନୀୟ ଜଳକୁ ବିଶୋଧନ ପାଇଁ ବ୍ୟବହାର କରାଯାଉଥିବା ବ୍ଲିଚିଂ ମାତ୍ରାଧିକ ପ୍ରୟୋଗ ସ୍ୱାସ୍ଥ୍ୟ ପକ୍ଷେ ହାନୀକାରକ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଜେଡି ଯୁବନେତା ଆଶିଷ କୁମାର ବେହେରା ଦାବି ଜଣାଇଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭିନ୍ନ ପ୍ରକାର ସଂକ୍ରମଣକୁ ମୁକାବିଲା କରିବା ପାଇଁ ବ୍ଲିଚିଂ ପ୍ରୟୋଗ କରାଯାଇଛି ବୋଲି ପ୍ରକାଶ କରିଥିଲେ।

# ହଟିଲା ପଥରଗଦା, ମରାମତି ହେଲା ରାସ୍ତା




**ହାଟଡ଼ିହୀ,୨୩।୪(ସମିସ):** ହାଟଡ଼ିହୀ ବ୍ଲକ୍ ଅଧୀନ ଚେତନାକେନ୍ଦ୍ର ଠାରୁ ପୂର୍ବକୁ ବିଦ୍ୟାଧରପୁର, ଉତ୍ତରକୁ ହଦଗଡ଼ ସହ ଦକ୍ଷିଣ ଦିଗକୁ ଛେନାପଦିକୁ ଲମ୍ବିଥିବା ରାସ୍ତାର ସଂଯୋଗସ୍ଥଳୀ ଭାବେ ପରିଚିତ ଏହି ଛକର ରାସ୍ତା ଉପରେ ଦୀର୍ଘମାସ ଧରି ପଥରଗଦା ହୋଇ ରହିଥିଲା। ରାସ୍ତାର ମରାମତି କରିବା ବାହାନାରେ ସମ୍ପୃକ୍ତ ଠିକାଦାର ନିଜର ମନମାନୀ ଚଳାଇ ପଥର ହଟାଉ ନଥିଲେ। ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏହାର ସମାଧାନ ହୋଇଥିବା ଦେଖାଯାଇଛି। ଏନେଇ ସ୍ଥାନୀୟଲୋକେ 'ସକାଳ'କୁ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି।

# ୩ ଛେଳି ଚୋର ଗିରଫ

## ବୋଲେରୋ, ମୋବାଇଲ ଜବତ

**ଯୋଡ଼ା,୨୩।୪(ସମିସ):** ଯୋଡ଼ା ଥାନା ଅଧୀନ କମାର ଯୋଡ଼ା ଅଞ୍ଚଳରୁ ଏକ ବୋଲେରୋରେ ଛେଳିଚୋରି କରି ଫେରାର ହେଉଥିବା ବେଳେ ପୁଲିସ ଚମ୍ପୁଆରୁ ବୋଲେରୋ ସମେତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ଏଥିରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ସୟାବାଲି ଅଞ୍ଚଳର ସାଜନ ବାରିକ, କମୋଡ ଅଞ୍ଚଳର ହରିହର ଘଣା ଓ ଚମ୍ପୁଆ ଫଗୁ ଅଞ୍ଚଳର ଶରତ ରଞ୍ଜନ ଗିରି। ଏମାନଙ୍କ ଠାରୁ ପୁଲିସ ୩ଟି ମୋବାଇଲ ଫୋନ ଜବତ କରିଛି। ସୋମବାର ଅପରାହ୍ନରେ ଭାରତୀ ମହାନ୍ତଙ୍କ ୬ଟି ଛେଳି ପଡ଼ିଆରେ ବୁଲୁଥିବା ବେଳେ ଏକ ବୋଲେରୋରେ ଚୋରମାନେ ଆସି ଛେଳିଗୁଡ଼ିକୁ ବୋଲେରୋରେ ବୋଝେଇ କରି ଚମ୍ପୁଆ ଅଭିମୁଖେ ଫେରାର ହେଉଥିଲେ। ଏହି ଛେଳି ଚୋରି ସମ୍ପର୍କରେ ଭାରତୀ ମହାନ୍ତ ଯୋଡା ପୁଲିସକୁ ଫୋନ ଯୋଗେ ତୁରନ୍ତ ଜଣାଇ ଥିଲେ। ଖବର ପାଇ ପୁଲିସ ଉକ୍ତ ବୋଲେରୋକୁ ପିଛା କରି ଚମ୍ପୁଆ ଛକ ନିକଟରେ ଧରିବାକୁ ସକ୍ଷମ ହୋଇଥିଲା। ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ୩ଜଣଙ୍କୁ ପୁଲିସ ଗିରଫ କରିଥିଲା। ଏହି ଛେଳି ଚୋର ଗ୍ୟାଙ୍ଗ ଯୋଡା, ବଡ଼ବିଲ ଅଞ୍ଚଳରେ ସକ୍ରିୟ ରହି ଗୃହ ପାଳିତ ପଶୁ ଚୋରି କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଯୋଡା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ରାସ୍ତା, କେନାଲ ନିର୍ମାଣ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**କେନ୍ଦୁଝର,୨୩।୪(ସମିସ):** କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ୍ ଅଧୀନ କୁଟୁଗାଁ ପଞ୍ଚାୟତର ସାନଯୋଡା ଗ୍ରାମବାସୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ ନହେଲେ ଭୋଟ ବର୍ଜନ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସାନଯୋଡା ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଜିଲ୍ଲାପାଳ ଏବଂ ବିଡିଓଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଅଦ୍ୟାବଧି ସାନଯୋଡା ଗ୍ରାମକୁ ରାଜସ୍ୱ ଗ୍ରାମ କିମ୍ବା ସାନଯୋଡା ଯଜ୍ଞ ମଣ୍ଡପଠାରୁ ଗୋପାଳ ସାହି ପ୍ରଭାକର ଆରୁଖ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଏବଂ କେନାଲ ନିର୍ମାଣ ହୋଇ ପାରିନାହିଁ। ତେଣୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ପ୍ରତିକାର କରା ନ ଗଲେ ଆଗାମୀ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

## ପମ୍ପ ଲଗାଇ ନେଇଗଲେ ପାଣି

# ଆଉଟ୍‌ପାଉଟ୍ ହେଉଛନ୍ତି ଗାଈଗୋରୁ ଓ ମଣିଷ



**ରାମଚନ୍ଦ୍ରପୁର,୨୩।୪(ସମିସ):** ପ୍ରଚଣ୍ଡ ଖରା ଏବଂ ଗୁଳୁଗୁଳିରୁ ତ୍ରାହି ପାଇବାକୁ ଜଳ ଅହରିହାର୍ଯ୍ୟ। କେତେକ ସ୍ଥାନରେ ଜଳର ସଠିକ ପରିଚାଳନା ଅଭାବରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଅନ୍ତର୍ଗତ ମହୁରୀ ଗ୍ରାମରେ। ଗାଁର ପୋଖରୀରେ ପମ୍ପ ଲଗାଇ ପାଣି ଚୋରି କରି ନେଉଛନ୍ତି କିଛି ବ୍ୟକ୍ତି। ଫଳରେ ପୋଖରୀ ଶୁଖିଲା ପଡ଼ିବା ଯୋଗୁଁ ଲୋକେ ସ୍ନାନ ଶୌଚ ସହ ଗାଈ ଗୋରୁ ତୃଷ୍ଣା ମେଣ୍ଟାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହାଁନ୍ତି। ଖରା ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏଥିରୁ ଟିକେ ତ୍ରାହି ପାଇବାକୁ ଗାଁଲୋକେ ପୋଖରୀରେ ସ୍ନାନ କରିବାକୁ ଉଚିତ ମଣୁଥିଲେ ମଧ୍ୟ ବେଧଡକ ପୋଖରୀରୁ ପାଣି ଚୋରି ଗାଁ ଲୋକଙ୍କ ପାଇଁ କାଳ ସାଜିଛି। ପାଣିଚୋରି ଉପରେ ରୋକ୍ ଲଗାଇବାକୁ ଗ୍ରାମବାସୀ ପୁଲିସ ନିକଟରେ ଦାବି କରିଛନ୍ତି।

## ଖରା ଯୋଗୁଁ କମୁଛି ବେପାର

# ହାତବାନ୍ଧି ବସୁଛନ୍ତି ବେପାରୀ, ବିକ୍ରିବଟା ଶୂନ୍



**ହାଟଡ଼ିହୀ,୨୩।୪(ସମିସ):** ରେକଡର୍ ଭାଙ୍ଗିଥିବା ଚଳିତବର୍ଷ ତାପମାତ୍ରା ପାଇଁ ବେପାରୀଙ୍କ ଠାରୁ ଆରମ୍ଭ କରି କର୍ମଜୀବୀ, ଛାତ୍ରଛାତ୍ରୀ, ରୋଗୀ ଏବଂ ଦିନମଜୁରୀ ଯାଏଁ ପ୍ରାୟ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ସକାଳ ଆଠଟା ଠାରୁ ତାପମାତ୍ରାର ପାରଦ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ଲୋକେ ଘରୁ ବାହାରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ବେପାର କରି କୁଟୁମ୍ବ ଚଳାଉଥିବା କିଛି ବେପାରୀ ଅସୁବିଧାରେ ପଡୁଛନ୍ତି। ସାପ୍ତାହିକ ହାଟଗୁଡ଼ିକରେ ଗ୍ରାହକଙ୍କ ଭଡ଼ ଲାଗୁନି। ନିହାତି ଆବଶ୍ୟକ ନ ହେଲେ ଲୋକେ ଏତେ ଟାଣ ଖରାରେ ଘରୁ ପଦାକୁ ବାହାରୁ ନ ଥିବାବେଳେ ହାଟର ବ୍ୟବସାୟ ଉପରେ ନିର୍ଭର କରି ପେଟ ପୋଷୁଥିବା ବେପାରୀମାନେ ବିକ୍ରି ଅଭାବରୁ ହାତବାନ୍ଧି ବସୁଛନ୍ତି।

# ବଢୁଛି ଅଭିମନ୍ୟୁଙ୍କ ଲୋକପ୍ରିୟତା

## ବିଜେଡିର ବିଜୟୀ ପାଇଁ ଅଣ୍ଟା ଭିଡ଼ିଲେଣି ଯୁବଗୋଷ୍ଠୀ



**ହାଟଡ଼ିହୀ,୨୩।୪(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀଟି ଜିଲ୍ଲା ରାଜନୀତି ମଇଦାନର ଏକ ପୃଷ୍ଠଭୂମି ବୋଲି କୁହାଯାଏ। ଚଳିତ ୨୦୨୪ ନିର୍ବାଚନ ପାଇଁ ଦଳ ତରଫରୁ ନିର୍ଣ୍ଣାୟକ ବିଧାୟକ ପ୍ରାର୍ଥୀ ଭାବେ ଅଭିମନ୍ୟୁ ସେଠୀଙ୍କୁ ଦଳୀୟ ଟିକେଟ୍ ମିଳିଥିବାବେଳେ, ବିଜେପି ପକ୍ଷରୁ ଆଲୋକ ସେଠୀ ଓ କଂଗ୍ରେସ୍ ପକ୍ଷରୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ମଧ୍ୟରେ ନବାଗତ ଅଭିମନ୍ୟୁଙ୍କ ନିର୍ବାଚନୀ ଲଢ଼େଇ ଘମାଘୋଟ ହେବାକୁ ଯାଉଥିବା ଅନୁମାନ କରାଯାଉଛି। ବିଜେଡିର ଅସନ୍ତୁଷ୍ଟ କର୍ମୀଙ୍କ ପାଇଁ ନିର୍ବାଚନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିପାରେ ବୋଲି ବିରୋଧୀ ଆଶା ପ୍ରକଟ କରିଥିବା ବେଳେ, ଅଭିମନ୍ୟୁ ବିଜେଡିର ଜଣେ ସକ୍ରିୟ ଯୁବନେତା ଭାବେ ବହୁବର୍ଷ ଧରି ଶୃଙ୍ଖଳିତ ଭାବେ ଦଳ ପାଇଁ କାମ କରୁଥିବାରୁ ସେମାନଙ୍କ ମଧ୍ୟରେ ଥିବା ଅବସାଦ ଧୀରେଧୀରେ ଦୂରେଇ ଯାଇ ଏବେ ତାଙ୍କର ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଅଞ୍ଚଳର ବିକାଶ କ୍ଷେତ୍ରରେ ବିଜେଡିର ଅବଦାନ ଅତୁଳନୀୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିବାବେଳେ ଚଳିତ ନିର୍ବାଚନରେ ଅଭିମନ୍ୟୁଙ୍କ ବିଜୟୀ ସୁନିଶ୍ଚିତ ବୋଲି ଲୋକମତରୁ ଜଣାପଡ଼ିଛି।

# କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

**ତେଲକୋଇ,୨୩।୪(ସମିସ):** ତେଲକୋଇ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। କଂଗ୍ରେସ ପ୍ରାର୍ଥୀ ନିର୍ମଳ ନାୟକ ନିଜ କର୍ମୀଙ୍କ ଗହଣରେ ଧୁ ଧୁ ଖରାରେ ପ୍ରଚାର ଚଳାଇଛନ୍ତି। ନିଜର କର୍ମୀ ମାନଙ୍କୁ ନେଇ ତେଲକୋଇ ବଜାରର ଦୋକାନକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି ନିର୍ମଳ। ମା' ହିଙ୍ଗୁଳାଙ୍କ ଚଇତି ଯାତ୍ରା ଅବସରରେ ତେଲକୋଇ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନିର୍ମଳ ନାୟକ ଯୋଗଦେଇ ଆର୍ଶୀବାଦ ଲାଭ କରିବା ସହ ମାଙ୍କ ଯାତ୍ରା ପଡିଆକୁ ଯାଉଥିବା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ଥିଲେ।

# କେନାଲ ମଝିରୁ ଉଠିଲା ମାଟି



**ହାଟଡିହୀ,୨୩।୪(ସମିସ):** ହାଟଡିହି ବ୍ଲକ ବିଦ୍ୟାଧରପୁର ବ୍ୟାରେଜର ବିଦ୍ୟାଧରପୁର-ଆନନ୍ଦପୁର ମେନ୍ କେନାଲ ମଝିରୁ ମାଟି ସଫାକରାଯାଇ ଗଦାକରି ରଖାଯାଉଥିଲା। ଗତବର୍ଷ ବହୁ ସ୍ଥାନରେ କେନାଲରୁ ସଫା ହେଉଥିବା ମାଟି ଉଠାଯାଇ ନ ଥିଲା। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଚଳିତ ବର୍ଷ କେନାଲ ସଫା ସମୟରେ ଠିକାଦାରମାନେ କେନାଲ ମଝିରେ ମାଟିକୁ ଗଦାକରି ରଖିଥିଲେ। ଏହାକୁ ନେଇ ପ୍ରଶାସନ ତାଗିଦ କରିବା ପରେ ଏବେ କେନାଲରୁ ମାଟି ଉଠାଯାଇଛି।

## ● ବିଦ୍ୟାଧରପୁର-ଆମ୍ବଗଡ଼ିଆ କେନାଲ ରାସ୍ତା

# ପୋଲର ନାହିଁ ସୁରକ୍ଷା ବାଡ଼ା, ଦୁର୍ଘଟଣା ଆଶଙ୍କା



**ହାଟଡିହୀ,୨୩।୪(ସମିସ):** ହାଟଡିହୀ ବ୍ଲକର ବିଦ୍ୟାଧରପୁର ଜଳସେଚନ ବିଭାଗ ଅଧୀନରେ ଥିବା ବିଦ୍ୟାଧରପୁର ଠାରୁ ଆମ୍ବଗଡିଆ କେନାଲ ରାସ୍ତା ଉପରେ ଥିବା ଏକ ପୋଲର ସୁରକ୍ଷା ବାଡା ନ ଥିବାରୁ ବିପଦ ସୃଷ୍ଟିକରୁଥିବାବେଳେ ଦୁର୍ଘଟଣା ଆଶଙ୍କା କରାଯାଉଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହେବାପରେ ବିଭାଗ ପକ୍ଷରୁ ଉନ୍ନତମାନର ରାସ୍ତା ନିର୍ମାଣ କରାଯାଇଛି। ଯାହାକୁ ନେଇ ବିଭାଗ ପ୍ରଶାସନକୁ ପ୍ରଶଂସା କରାଯାଇଛି। କିନ୍ତୁ ସେହି ରାସ୍ତାରେ ଥିବା ଏକ ପୋଲର ସୁରକ୍ଷା ବାଡା ନ ଥିବାରୁ ବିପଦ ସୃଷ୍ଟିକରିଛି। ବିଭିନ୍ନ ସମୟରେ ଗୋରୁଗାଈ ପଡ଼ି ଆହତ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ଶହଶହ ଲୋକ ନିର୍ଭର କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ସୁରକ୍ଷା ବାଡା ନ ଥିବାରୁ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ବିଭାଗୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପୋଲ ପାଶ୍ୱର୍ରେ ସୁରକ୍ଷା ବାଡା ନିର୍ମାଣ କରିବାକୁ ଦାବି ହେଉଛି।

# ଦୁଷ୍କର୍ମ ଅଭିଯୋଗରେ ରାଜମିସ୍ତ୍ରି ଗିରଫ



**ଆନନ୍ଦପୁର,୨୩।୪(ସମିସ):** ରାଜମିସ୍ତ୍ରୀଙ୍କ ସହିତ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ରାଜମିସ୍ତ୍ରୀ ପ୍ରଧାନ ବାସ୍କେକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଅଭିଯୋଗକାରୀକୁ ଅଭିଯୁକ୍ତର ପରିବାର ଲୋକେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାବେଳେ ପୁଲିସ ସେବା କର୍ମଚାରୀମାନେ ଅଭିଯୋଗକାରୀଙ୍କୁ ଉଦ୍ଧାର କରିବା ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁସାରେ, ଘଷିପୁରା ଥାନା ବରିପାଳ ପଞ୍ଚାୟତ ଅଧୀନ ରଙ୍ଗମାଟିଆ ଗ୍ରାମର ରାଜମିସ୍ତ୍ରୀ ପ୍ରଧାନ ବାସ୍କେଙ୍କ ସହିତ ସେହି ଗ୍ରାମର ମହିଳା ଶ୍ରମିକ କାନ୍ଦରୀ ପିଙ୍ଗୁଆ ନିର୍ମାଣ କାର୍ଯ୍ୟକୁ ଯାଇଥାନ୍ତି। ଗତ ସୋମବାର ଉଭୟ ଏକ ନିର୍ମାଣ କାର୍ଯ୍ୟକୁ ଯାଇଥିବା ବେଳେ ଏକୁଟିଆ ଥିବାର ସୁଯୋଗ ନେଇ ଦୁଷ୍କର୍ମ କରିଥିଲା। ଏହି ଘଟଣାରେ ମହିଳା ଜଣକ ଘରକୁ ଆସି ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ସ୍ୱାମୀ ଲାଦେନ ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ଓ ପୀଡିତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ପରୀକ୍ଷା କରୁଥିବାବେଳେ ଥାନାରେ ହାଜର ହେବାକୁ ପୁଲିସ ଡାକିବାରୁ ଅଭିଯୋଗକାରୀ ଲାଦେନ ଘଷିପୁରା ଥାନାକୁ ଆସୁଥିବା ସମୟରେ ବରିପାଳ ନିକଟରେ ଅଭିଯୁକ୍ତ ପରିବାର ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ୧୦୨ ପୁଲିସ ସେବା କର୍ମଚାରୀ ପହଞ୍ଚି ଅଭିଯୋଗକାରୀଙ୍କୁ ଉଦ୍ଧାର କରିଥିଲେ।

## ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ

# ଜଳିଗଲା ଶହ ଶହ ପଟାସ ଓ କାଜୁ ଗଛ

ଡୁରୁମୁଙ୍ଗା,୨୩।୪(ସମିସ)



ତାପମାତ୍ରା ଯେତିକି ବଢୁଛି, ସେତିକି ହୁହୁ ହୋଇ ଜଳୁଛି ଜଙ୍ଗଲ। କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ହାତିବାରୀ ଏବଂ ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଥିବାବେଳେ ଜଙ୍ଗଲ ନିଆଁ ଗାଁ ମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିଲେ। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଶହ ଶହ ପଟାସ ଓ କାଜୁ ଗଛ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ନିଆଁ ଲାଗିବା ଖବରଦେଲେ ବନ ବିଭାଗ କର୍ମଚାରୀ ଆସୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସେହିପରି ମଧ୍ୟାହ୍ନରେ ୪୯ ନଂ ଜାତୀୟରାଜପଥ କଡ଼ର ପେଟ୍ରୋଲ ପମ୍ପ ପାଖରେ ଥିବା ଚେମେଣା ଗ୍ରାମ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ଶହଶହ ଗଛ ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଛି। କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଦେଇ ଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହ ନିଆଁ ନ ଲାଗିବା ପାଇଁ ବନ ବିଭାଗ ବ୍ୟାପକ ପଦକ୍ଷେପ ନେଇଥିଲେ ମଧ୍ୟ ନିଆଁ ଲାଗୁଥିବାରୁ ପରିବେଶବିତ ଅସନ୍ତୋଷ ପ୍ରକାଶ କରୁଛନ୍ତି।

